ବର୍ଷ-୨୬, ସଂଖ୍ୟା-୨୦୭
ଭୁବନେଶ୍ୱର
୨, ଅଗଷ୍ଟ, ୨୦୨୬, ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 207
Bhubaneswar
2, August, 2026, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

## ମହାନଦୀ ଜଳ ବିବାଦ ବୈଠକ

## ଆସନ୍ତା ଦୀପାବଳୀ ଆମ ପାଇଁ ଶୁଭଙ୍କର : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୧।୮(ମହାଭାରତ):** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ଗଣମାଧ୍ୟମକୁ ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେବା ସହିତ ଦିଲ୍ଲୀ ଗସ୍ତ ସମ୍ପର୍କରେ ମଧ ବିବୃତି ରଖିଥିଲେ। ଗତ କାଲି ମୁଖ୍ୟମନ୍ତ୍ରୀ ତିନି ଦିନିଆ ଦିଲ୍ଲୀଗସ୍ତରୁ ଫେରିବା ପରେ ଆଜି କହିଛନ୍ତି ଯେ, ଦିଲ୍ଲୀରେ ମହାନଦୀ ଜଳବିବାଦ ସମ୍ପର୍କିତ ବୈଠକରେ ଯୋଗଦେବା ରାଜ୍ୟ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ କହିଥିଲେ ଯେ, ୩୦ ତାରିଖ ଦିନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଶ୍ରୀ ସି.ଆର୍ ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଛତିଶଗଡ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେଓ ସାଇଙ୍କ ସହିତ ସେ ଯୋଗଦେଇଥିଲେ। ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ଆପୋଷ ସମାଧାନ ପାଇଁ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବୈଠକରେ ଓଡିଶାର ଜନସାଧାରଣଙ୍କ ସ୍ୱାର୍ଥ ଓ ଅଧିକାର, ଚାଷୀକୂଳର ହିତ ଏବଂ ପରିବେଶର ସୁରକ୍ଷାକୁ ଗୁରୁତ୍ୱ ଦେଇ ସମାଧନର ପନ୍ଥା ନିର୍ଦ୍ଧାରଣ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। କେନ୍ଦ୍ରୀୟ ଜଳ କମିଶନ ଅଧକ୍ଷଙ୍କ ଅଧିନରେ ଗଠିତ ଏକ ଟେକ୍ନିକାଲ୍ କମିଟି ଆସନ୍ତା ୩ ମାସ ମଧ୍ୟରେ ମହାନଦୀ ଟ୍ରିବ୍ୟୁନାଲକୁ ଏହାର ରିପୋର୍ଟ ପ୍ରଦାନ କରିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହାଦ୍ୱାରା ମହାନଦୀ ଜଳ ସମସ୍ୟାର ସମାଧାନ ବାହାରିବ ଏବଂ ଆସନ୍ତା ଦୀପାବଳୀ ଆମ ପାଇଁ ଶୁଭଙ୍କର ହେବ।

## ଖୋଲିଲା ଭିତରକନିକା ଜାତୀୟ ଉଦ୍ୟାନ

**ଭୁବନେଶ୍ୱର,୧।୮(ମହାଭାରତ):** ଆଜି ଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି କେନ୍ଦ୍ରାପଡା ଜିଲ୍ଲାର ରାଜନଗର ସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ କ୍ଷ କୁମ୍ଭୀର ପ୍ରଜନନ




ପାଇଁ ମଇ୧ ତାରିଖରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୩ ମାସ ଧରି ବନ୍ଦ ରହିଥିଲା ଭିତରକନିକା କ୍ଷ ଏବେ ନୂଆ ରୂପରେ ସଜେଇ ହୋଇଛି ଭିତରକନିକା । ଭିତରକନିକା ଖୋଲୁଥିବାରୁ ପର୍ଯ୍ୟଟକ ବେଶ୍ ଉତ୍ସାହିତ ଅଛନ୍ତି। ଆଜି ପ୍ରଥମ ଦିନରେ ପର୍ଯ୍ୟଟକମାନଙ୍କୁ ଫୁଲ ତୋଡ଼ା ଓ ମିଠା ଦେଇ ସ୍ୱାଗତ କରାଯାଇଥିଲା କ୍ଷ ପର୍ଯ୍ୟଟକ ମାନଙ୍କ ଭିତରେ ବହୁତ ଉତ୍ସାହ ଦେଖାଦେଇଥିଲା। ଚଳିତ ବର୍ଷ ଜାତୀୟ ଉଦ୍ୟାନରେ ପର୍ଯ୍ୟଟକମାନେ ପ୍ରକୃତିର ମନୋରମ ଦୃଶ୍ୟ ଉପଭୋଗ କରିବା ସହିତ ନୂତନ ଭାବେ ନିର୍ମିତ ମିୟୁଜିୟମ, ଧଳାକୁମ୍ଭୀର ଗୋରୀ, ମଲ୍ଲୀ, ଶ୍ବେତା, ଦେଶୀୟ ପକ୍ଷୀ, ନଦୀରେ ନୌବିହାର ଓ ସ୍କାଏ ୱାକ୍ ରେ ଜଙ୍ଗଲ ଉପରେ ଚାଲିଚାଲି ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ। ଯିବା ଆସିବା ପାଇଁ ଭିତରକନିକାର ଡାଙ୍ଗମାଳ ଠାରେ ୬ଟି ଫାଇବର ବୋଟ୍ ଥିବାବେଳେ ଗୁପ୍ତିଠାରେ ୪ଟି ଫାଇବର ବୋଟ୍ ବ୍ୟବସ୍ଥା ରହିଛି । ପୂର୍ବବର୍ଷ ଭଳି ପଲିଥିନ୍ କୁ ବାରଣ କରାଯାଇଛି।

## ହୀରାକୁଦ ୨୨ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

**ଭୁବନେଶ୍ୱର,୧।୮(ମହାଭାରତ):** ହୀରାକୁଦ ଜଳଭଣ୍ଡାରରୁ ମୋଟ୍ ୨୨ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ୧୫ଟି ଏବଂ ଡାହାଣ ପାର୍ଶ୍ୱ ଡାଇକ୍ ର ୭ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳ ପତନ ୬୨୫.୨୧ ଫୁଟ୍ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୮୪ ହଜାର ୭୭୩ କ୍ୟୁସେକ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୨୨ଟି ସ୍ଲୁଇସ୍ ଗେଟ୍, ସ୍ପିଲୱେ, ପାୱାର ଚେନେଲ, ଶିଳ୍ପ ବ୍ୟବହାର ଓ ବିଭିନ୍ନ କେନାଲ ଦେଇ ମୋଟ୍ ୩ ଲକ୍ଷ ୮୬ ହଜାର ୪୨୧ କ୍ୟୁସେକ୍ ବନ୍ୟାଜଳ ନିଷ୍କାସନ ହେଉଛି।

## ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

# ୩ ଦିନରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧।୮(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଆକାଶମାର୍ଗରୁ ରାଜ୍ୟର ୫ଟି ଜିଲ୍ଲାର ୧୨ଟିରୁ ଅଧିକ ବ୍ଲକରେ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଉପସ୍ଥିତ ଥିଲେ। ପରିଦର୍ଶନ ପରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହିସବୁ ଅଞ୍ଚଳର ଅନେକ ଗାଁ ପାଣି ଘେରରେ ଅଛି। ପରିସ୍ଥିତି ଧିରେ ଧିରେ ସୁଧୁରୁଛି। ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡି ଯିବାର ସମ୍ଭାବନା ଅଛି। ଏଥିସହିତ ବନ୍ୟା ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆକଳନ ପରେ ତୁରନ୍ତ କୃଷି ଓ ଘରଭଙ୍ଗା ଇତ୍ୟାଦି କ୍ଷେତ୍ରରେ ସହାୟତା ପ୍ୟାକେଜ ଦିଆଯିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର ଜିଲ୍ଲାର ଦଶରଥପୁର, ବରୀ ଓ ବିଂଝାରପୁର, ଭଦ୍ରକ ଜିଲ୍ଲାର ଧାମନଗର, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି, ବାଲେଶ୍ୱର ଜିଲ୍ଲାର ସୋର, ରେମୁଣା ଓ ବାଲେଶ୍ୱର ସଦର, ମୟୂରଭଞ୍ଜ ଜିଲ୍ଲାର ବଡସାହି, ଉଦଳା ଓ କପ୍ତିପଦାର କିଛି ପ୍ରଭାବିତ ଅଂଶ ଏବଂ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଭାବିତ ଅଂଚଳ ଗୁଡିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି।

ବନ୍ୟା ପରିସ୍ଥିତି ଉପରେ ତାଙ୍କର ସମ୍ପୂର୍ଣ୍ଣ ନଜର ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ




ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି । ସବୁ ବିପର୍ଯ୍ୟୟ ପରି ଏହି ବନ୍ୟାରେ ମଧ ଜିରୋ କାଜୁଆଲଟି କୁ ଗୁରୁତ୍ୱ ଦିଆଯାଇଛି। ଚଳିତ ବନ୍ୟାରେ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ବନ୍ୟା ଦ୍ୱାରା ପ୍ରଭାବିତ ୨.୬୯ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଉଦ୍ଧାର କାର୍ଯ୍ୟରେ ୧୭ଟି ଓଡ୍ରାଫ୍ , ୭ଟି ଏନଡିଆରଏଫ୍ ଏବଂ ୧୨୯ଟି ଅଗ୍ନିଶମ ଓ ଜରୁରୀ ସେବାଦଳ ସାମିଲ ଅଛନ୍ତି। ୭୦୦ଟି ଆଶ୍ରୟ ସ୍ଥଳ ଓ ରିଲିଫ କ୍ୟାମ୍ପରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ରହିବା, ଶୁଖିଲା ଓ ରନ୍ଧାଖାଦ୍ୟ ବ୍ୟବସ୍ଥା, ପିଇବା ପାଣି ଓ ଡାକ୍ତରୀ ସେବାର ବ୍ୟବସ୍ଥା କରାଯାଇଛି। ଏ ସମସ୍ତ ଜିଲ୍ଲା ଗୁଡିକରେ ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ସ୍ତରରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି ବୋଲି ସେ କହିଥିଲେ।

ବନ୍ୟା ପ୍ରପୀଡିତଙ୍କ ସହାୟତା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ପରିବାରମାନଙ୍କୁ ପଲିଥିନ, ଶୁଖିଲା ଓ ରନ୍ଧାଖାଦ୍ୟ, ପିଇବା ପାଣି ଓ ଔଷଧ ଆଦି ଯୋଗାଇଦିଆଯାଉଛି।

କ୍ଷତିଗ୍ରସ୍ତ ରାସ୍ତାଗୁଡିକୁ ମଧ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରକାଶ କରି ବନ୍ୟା ପରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଯେପରି ନଉପୁଜେ ସେଥିପାଇଁ ମଧ କଡା ନଜର ରଖାଯାଇଛି। ସରକାରଙ୍କ ପକ୍ଷରୁ ଉପଯୁକ୍ତ ସମୟରେ ସୂଚନା ପ୍ରଦାନ ଓ ଉଚିତ ପଦକ୍ଷେପ ଯୋଗୁ ବନ୍ୟାଜନିତ ବଡ କ୍ଷୟକ୍ଷତିକୁ ରୋକାଯାଇ ପାରିଛି ବୋଲି ସେ କହିଥିଲେ। ଆଗକୁ ବର୍ଷା ନ ହେବା ଯାଏଁ ମହାନଦୀରେ ଆଉ ବନ୍ୟା ଆଶଙ୍କା ନାହିଁ ବୋଲି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୨ ଦିନ ତଳେ ପିକ୍ ଫ୍ଲଡ୍ ଥିଲା। ମାତ୍ର ହୀରାକୁଦ ବନ୍ଧ ବଡ଼ ବନ୍ୟାକୁ ରୋକିଲା। ହୀରାକୁଦରେ ଏବେ ୬୨୫ ଫୁଟ ପାଣି ଅଛି, ଉପରମୁଣ୍ଡରୁ ପାଣି କମିଛି। ହୀରାକୁଦର ଖୋଲାଥିବା ୨୨ଟି ଗେଟ୍ ୨ ଦିନ ଯାଏଁ ବନ୍ଦ ହେବନି। ମୁଣ୍ଡଳୀରେ ଏବେ ଆଦୌ ବନ୍ୟା ସ୍ଥିତି ନାହିଁ। ବୈତରଣୀ ସମେତ ଅନ୍ୟ ସବୁ ନଦୀରେ ଜଳସ୍ତର କମୁଛି। ଛତିଶଗଡ଼ କଲମାର ଗେଟ ଖୋଲାଯାଇଛି , ହେଲେ ପାଣି କମୁଛି। ସେହିପରି ରେଙ୍ଗାଲିରେ ଗୋଟେ ଗେଟ୍ ଖୋଲା ଅଛି, ବ୍ରାହ୍ମଣୀରେ ବନ୍ୟା ହେବନାହିଁ ବୋଲି କହିଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ। ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ସବୁ ଘାଇ ୭ ଦିନ ଭିତରେ ମରାମତି ହେବ। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ମୌସୁମୀ ପୂର୍ବରୁ ସମସ୍ତ ନଦୀ ବନ୍ଧର ଯାଂଚ ହୋଇଥିଲା। ଚଳିତ ବର୍ଷ ଆକଳନ ବାହାରେ ବର୍ଷା ହୋଇଛି। ବୈତରଣୀରେ ବିପଦ ସଂକେତ ଉପରେ ପାଣି ଯୋଗୁଁ ଘାଇ ସୃଷ୍ଟି ହୋଇଛି।

## ବନ୍ୟା ଅଞ୍ଚଳରେ ୯୩% ବିଦ୍ୟୁତ ଯୋଗାଣ ସ୍ୱାଭାବିକ

**ଭୁବନେଶ୍ୱର,୧।୮(ମହାଭାରତ):** ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ଏବଂ ଅନୁଧ୍ୟାନ ଅନୁଯାୟୀ, ରାଜ୍ୟର ବନ୍ୟା ପ୍ରଭାବିତ ଅଂଚଳଗୁଡ଼ିକରେ ବିଦ୍ୟୁତ୍ ଯୋଗାଣ ପୁନରୁଦ୍ଧାର ସ୍ଥିତିର ମୂଲ୍ୟାଙ୍କନ କରାଯାଇଛି। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବଙ୍କ ଅଧ୍ୟକ୍ଷତାରେ ସମସ୍ତ ଡିସକମ୍ ମାନଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଛି।

ଏହି ବୈଠକରେ ଡିସକମ୍ ଗୁଡ଼ିକ ପୁନରୁଦ୍ଧାର କାର୍ଯ୍ୟର ପ୍ରଗତି ବିଷୟରେ ଜଣାଇବା ସହ ନିଶ୍ଚିତ କରିଛନ୍ତି ଯେ, ବନ୍ୟା ଜଳ ହ୍ରାସ ପାଇବା ସହିତ ରାଜ୍ୟସାରା ପ୍ରଭାବିତ ଉପଭୋକ୍ତାଙ୍କ ମଧ୍ୟରୁ ୯୩% ଙ୍କୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯାଇସାରିଛି। ଅଧିକାଂଶ ଅଂଚଳରେ ପୁନରୁଦ୍ଧାର କାର୍ଯ୍ୟ ଅତି ଦ୍ରୁତ ଗତିରେ ଚାଲିଥିବା ବେଳେ, କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ଭଳି ଜିଲ୍ଲାର ତଳିଆ ଓ ଅତ୍ୟଧିକ ଜଳମଗ୍ନ ପକେଟ୍ ଗୁଡ଼ିକରେ ଜଳସ୍ତର ନକମିବା ଏବଂ ଯାତାୟାତ ପାଇଁ ସୀମିତ ସୁବିଧା ହେତୁ



ସାମାନ୍ୟ ବିଳମ୍ବ ଘଟୁଛି। ବିଦ୍ୟୁତ କର୍ମକର୍ତ୍ତାମାନେ ଉଲ୍ଲେଖ କରିଛନ୍ତି ଯେ ସାମଗ୍ରିକ ବିଦ୍ୟୁତ୍ ଭିତିଭୂମିର କୌଣସି ବଡ଼ ଧରଣର ଗଠନମୂଳକ କ୍ଷତି ହୋଇନାହିଁ। ଅଚଳ କିମ୍ବା ପୋଡ଼ିଯାଇଥିବା ଟ୍ରାନ୍ସଫର୍ମରଗୁଡ଼ିକୁ ସ୍ଥାନୀୟ ସ୍ଥିତି ଅନୁଯାୟୀ ଯଥାଶୀଘ୍ର ବଦଳାଯାଉଛି। ଜନଜୀବନ ସୁରକ୍ଷାକୁ ପ୍ରାଥମିକତା ସମ୍ପର୍କରେ ଉପ-ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟ ନିର୍ଦ୍ଦେଶକୁ କଡାକଡି ଅନୁପାଳନ କରି, ଶକ୍ତି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡିସକମ୍ ଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ ବିଦ୍ୟୁତ୍ ସେବା ପୁନରୁଦ୍ଧାର କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି; ଏହା ସହିତ ସାଧାରଣ ଜନତା ଏବଂ ଫିଲ୍ଡ କର୍ମଚାରୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ କହିଛନ୍ତି। ଜଳମଗ୍ନ ଲାଇନ୍ କିମ୍ବା ସଂସ୍ଥାପନଗୁଡ଼ିକୁ ଚାଲୁ କରିବା ପୂର୍ବରୁ ଆବଶ୍ୟକ ସୁରକ୍ଷା ଯାଂଚ କରିବା, ଦୁର୍ଗମ ଅଂଚଳଗୁଡ଼ିକରେ ଜିଲ୍ଲା ପ୍ରଶାସନ ସହ ନିବିଡ଼ ସମନ୍ୱୟ ରକ୍ଷା କରିବା, ଏବଂ ଗଣମାଧ୍ୟମ ଓ ସୋସିଆଲ୍ ମିଡିଆ ମାଧ୍ୟମରେ ବିଦ୍ୟୁତ୍ ବିଭ୍ରାଟର ସ୍ଥିତି ଏବଂ ଆଶାଯୋଗ୍ୟ ସମୟ ସୀମା ବିଷୟରେ ଜନସାଧାରଣଙ୍କୁ ରିଅଲ-ଟାଇମ୍ ଅପଡେଟ୍ ଦେବା ପାଇଁ ଡିସକମ୍ ଗୁଡ଼ିକୁ ପରାମର୍ଶ ଦିଆଯାଇଛି।

## ଭାରତ-ଚୀନ୍ ସୀମା ବାଣିଜ୍ୟ ଆରମ୍ଭ

**ଭୁବନେଶ୍ୱର,୧।୮(ମହାଭାରତ):** କୋଭିଡ-୧୯ ମହାମାରୀ ହେତୁ ପ୍ରାୟ ଛଅ ବର୍ଷ ଧରି ସ୍ଥଗିତ ଥିବା ଭାରତ-ଚୀନ୍ ସୀମା ବାଣିଜ୍ୟ ଶନିବାର ଦିନ ଉତରାଖଣ୍ଡର ପିଥୋରାଗଡ଼ ଜିଲ୍ଲାର ଐତିହାସିକ ଲିପୁଲେଖ ପାସ୍ ଦେଇ ପୁନର୍ବାର ଆରମ୍ଭ ହୋଇଥିଲା। ୨୦୨୬ ସୀମା ବାଣିଜ୍ୟ ଆରମ୍ଭ ହେବା ସହିତ, ଭାରତୀୟ ବ୍ୟବସାୟୀଙ୍କ ପ୍ରଥମ ବ୍ୟାଚ୍ ତିବ୍ବତର ତକଲାକୋଟରେ ପହଂଚିଥିଲା, ଯେଉଁଠାରେ ଆବଶ୍ୟକ ଆନୁଷ୍ଠାନିକତା ସମାପ୍ତ କରିବା ପରେ ବାଣିଜ୍ୟ କାର୍ଯ୍ୟକଳାପ ଆରମ୍ଭ ହୋଇଛି। ଇଣ୍ଡୋ-ତିବ୍ବତୀୟ ବାଣିଜ୍ୟ ସଙ୍ଗଠନର ସଭାପତି ଜୀବନ ସିଂ ରୌକାଲିଙ୍କ ନେତୃତ୍ୱରେ ୧୬ ଜଣ ପଞ୍ଜୀକୃତ ବ୍ୟବସାୟୀ ଏବଂ ଚାରିଜଣ ସହାୟକଙ୍କ ସମେତ ମୋଟ ୨୦ ଜଣ ସଦସ୍ୟ ସମସ୍ତ ନିର୍ଦ୍ଧାରିତ ପ୍ରକ୍ରିୟା ସମାପ୍ତ କରି ଲିପୁଲେଖ ପାସ୍ ଦେଇ ଚୀନର ତିବ୍ବତ ସ୍ୱୟଂଶାସିତ ଅଂଚଳରେ ପ୍ରବେଶ କରିଥିଲେ ଏବଂ ତକଲାକୋଟ ମଣ୍ଡିରେ ପହଂଚିଥିଲେ।

ଉପଜିଲ୍ଲା ନିର୍ବାହି ଅଧିକାରୀ ଧାରଚୁଲା ଆଶିଷ ଯୋଶୀଙ୍କ ଅନୁଯାୟୀ, ଜୁଲାଇ ୩୧ ସନ୍ଧ୍ୟାରେ ବ୍ୟବସାୟିକ ଦଳ ଗୁଞ୍ଜିର ଇମିଗ୍ରେସନ୍ ଅଫିସରେ ସମସ୍ତ ଆନୁଷ୍ଠାନିକତା ସମାପ୍ତ କରି ନବୀଧାଙ୍ଗରେ ରାତି ବିତାଇଥିଲେ।



ଶନିବାର ସକାଳ ପ୍ରାୟ ୧୦ଟା ୧୫ ମିନିଟରେ, ଚୀନ୍ କର୍ତୃପକ୍ଷଙ୍କ ଦ୍ୱାରା ଆବଶ୍ୟକ ଯାଂଚ ଏବଂ କ୍ଲିୟରାନ୍ସ ପରେ, ଦଳ ସୀମା ଅତିକ୍ରମ କରି ଟକଲାକୋଟରେ ପହଂଚି ବାଣିଜ୍ୟ କାର୍ଯ୍ୟକଳାପ ଆରମ୍ଭ କରିଥିଲା। ସେ କହିଛନ୍ତି ଯେ ଚୀନ୍ ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ, ବର୍ତମାନ କେବଳ ସେହି ବ୍ୟବସାୟୀମାନଙ୍କୁ ପ୍ରବେଶ ଦିଆଯାଇଛି, ଯେଉଁମାନେ ପୂର୍ବରୁ ପଞ୍ଜୀକୃତ ହୋଇଛନ୍ତି ଏବଂ ପୂର୍ବରୁ ସୀମା ବାଣିଜ୍ୟ କରିଛନ୍ତି।

# ୬ ବିଭାଗର ୧୧ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

**ଭୁବନେଶ୍ୱର,୧।୮(ମହାଭାରତ):** ରାଜ୍ୟ ମନ୍ତ୍ରୀମଣ୍ଡଳ (କ୍ୟାବିନେଟ)ର ୪୫ତମ ବୈଠକ ଶନିବାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୬ ଟି ବିଭାଗର ୧୧ ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି । ଅର୍ଥ ବିଭାଗର ୧ଟି, ଆଇନ ବିଭାଗର ୧ଟି, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ (ଏସଟି ଏସସି ) ବିଭାଗର ୧ଟି, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୧ଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨ ଟି ଏବଂ ଜଳସମ୍ପଦ ବିଭାଗର ସର୍ବାଧିକ ୫ ଟି, ଏହିପରି ମୋଟ ୬ଟି ବିଭାଗର ୧୧ଟି ପ୍ରସ୍ତାବ ରାଜ୍ୟ କ୍ୟାବିନେଟ ବୈଠକରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କ୍ୟାବିନେଟ ବୈଠକର ନିଷ୍ପତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ଏକ ବୃହତ ଜଳସେଚନ ପ୍ରକଳ୍ପ ଯେଉଁଥିରେ ବୈତରଣୀ ନଦୀ ଉପରେ ଆନନ୍ଦପୁର ବ୍ୟାରେଜ ଓ ଏହାର ବିତରଣ ପ୍ରଣାଳୀ ର ନିର୍ମାଣ ଦ୍ୱାରା କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୬୦୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି । ତେବେ ଜମି ଅଧିଗ୍ରହଣରେ ବିଳମ୍ବ କୁ ଦୃଷ୍ଟି ରେ ରଖି ଉନ୍ମୁକ୍ତ କେନାଲ ପ୍ରଣାଳୀରେ ହେବାକୁ ଥିବା ଅବଶିଷ୍ଟ ୫୭୦୦୦ ହେକ୍ଟର ଚାଷଜମିର ଜଳବଂଟନ ବ୍ୟବସ୍ଥାକୁ ବର୍ତମାନ ଭୂତଳ ପାଇପଲାଇନ (ମାଧ୍ୟାକର୍ଷଣ ପ୍ରବାହ)ବ୍ୟବସ୍ଥା ମାଧ୍ୟମରେ ୯ ଗୋଟି ସ୍ୱାକେଜ ରେ କରାଯିବାର ପ୍ରସ୍ତାବ କୁ ଅନୁମୋଦନ କରାଯାଇଛି। ଶନିବାର ରାଜ୍ୟ କ୍ୟାବିନେଟ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଇଁ ଟ.୧୪୫,୭୦,୮୯,୮୦୨ (ଏକ ଶହ ପଇଁଚାଳିଶ କୋଟି ସତୁରୀ ଲକ୍ଷ ଅଣନବେ ହଜାର ଆଠ ଶହ ଦୁଇ



ଟଙ୍କା) ଓ ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମିତ ଟ.୭,୩୦,୦୦, ୧୯୯ (ସାତ କୋଟି ତିରିଶି ଲକ୍ଷ ଏକ ଶହ ଅନେଶତ ଟଙ୍କା ) ଟେଣ୍ଡରଟିକୁ ଅନୁମୋଦନ କରିଛନ୍ତି । ପ୍ରକଳ୍ପଟି ଚବିଶି ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖା ଯାଇଅଛି। ଏହି ପ୍ରକଳ୍ପ ଶେଷ ହେବା ପରେ ବାଲେଶ୍ୱର ଜିଲ୍ଲାର ସୋରୋ ଓ ଓଉପଦା ର ୭୧୭୧.୭୭ ହେକ୍ଟର ଚାଷଜମିରେ ଜଳସେଚନ ସୁବିଧା ଯୋଗାଇ ଦେବ ।

ଅନୁସୂଚିତ ଜନଜାତି ତଥା ବିଶେଷ ଭାବେ ଅନୁନ୍ନତ ଜନଜାତି ପରିବାରମାନଙ୍କର ଆୟ ବୃଦ୍ଧି ଓ ସାମଗ୍ରିକ ଜୀବନଧାରଣ ର ମାନରେ ଉନ୍ନତି ଲକ୍ଷ୍ୟରେ, ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨.୦ କୁ ଆଜି ରାଜ୍ୟ ମନ୍ତ୍ରୀମଣ୍ଡଳ ଅନୁମୋଦନ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ର ପ୍ରଥମ ପର୍ଯ୍ୟାୟର ସଫଳତାକୁ ଆଧାର କରି ଆରମ୍ଭ ହେଉଥିସବା ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨,୦ ରାଜ୍ୟର ସମସ୍ତ ଜନଜାତି ଉପ-ଯୋଜନା ବ୍ଲକ ଏବଂ ଅଣୁ ପ୍ରକଳ୍ପ କ୍ଷେତ୍ର ଗୁଡ଼ିକରେ କାର୍ଯ୍ୟକାରୀ ହେବ । ଏହି କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ୮ ଲକ୍ଷ ଅନୁସୂଚିତ ଜନଜାତି ତଥା ବିଶେଷ ଭାବେ ଅନୁନ୍ନତ ଜନଜାତି ସମ୍ପ୍ରଦାୟର ହିତାଧିକାରୀ ମାନେ ଉପକୃତ ହୋଇପାରିବେ ।

ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨,୦ ଆଗାମୀ ପାଞ୍ଚ ବର୍ଷ (୨୦୨୬-୨୭ ରୁ ୨୦୩୦ -୩୧) ଅବଧି ପାଇଁ ରାଜ୍ୟର ୧୯ ଗୋଟି ଜିଲ୍ଲା ଅନ୍ତର୍ଗତ ୨୩ ଟି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏବଂ ୨୦ ଟି କ୍ଷୁଦ୍ର ପ୍ରକଳ୍ପ କ୍ଷେତ୍ର ମାଧ୍ୟମରେ ୧୩୪ ଗୋଟି ବ୍ଲକରେ କାର୍ଯ୍ୟକାରୀ ହେବ । ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ୨,୯୯୫ କୋଟି ଟଙ୍କାର ବ୍ୟୟବରାଦ ଅନୁମୋଦନ କରିଛନ୍ତି ।

ଏହି କାର୍ଯ୍ୟକ୍ରମର ଏକ ବିଶେଷ ବୈଶିଷ୍ଟ୍ୟ ହେଉଛି ଅନୁସୂଚିତ ଜନଜାତି ତଥା ବିଶେଷ ଭାବେ ଅନୁନ୍ନତ ଜନଜାତି ସମ୍ପ୍ରଦାୟର ହିତାଧିକାରୀ ମାନଙ୍କୁ ନିଜ ଇଚ୍ଛା ମୁତାବକ, ନିଜ ଅଞ୍ଚଳର ଆବଶ୍ୟକତା ଓ ଯଥାର୍ଥ ହୋଇଥିବା ଯେ କୌଣସି ଜୀବିକା ଚୟନ କରିବା ପାଇଁ ସ୍ୱାଧୀନତା ମିଳିବ । ନିଜର ଜୀବିକା ବିକାଶ କରିବା ନିମନ୍ତେ ହିତାଧାକାରୀଙ୍କୁ ସିଧାସଳଖ ଭାବରେ ଆର୍ଥିକ ପ୍ରୋତ୍ସାହନ ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯିବ । ପ୍ରତ୍ୟେକ ପରିବାରକୁ ୩୦,୦୦୦ ଟଙ୍କାର ଅନୁଦାନ ରାଶିକୁ ଦୁଇଟି ସମାନ କିସ୍ତିରେ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨,୦ ଅଧୀନରେ କୃଷି, ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟଚାଷ, ରେଶମ ଚାଷ, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ମୂଲ୍ୟ ବୃଦ୍ଧି, ପାରମ୍ପରିକ କଳା ଓ ହସ୍ତଶିଳ୍ପ, କୃଷି ଉଦ୍ୟୋଗ ଏବଂ ଗ୍ରାମୀଣ ଲଘୁ ଉଦ୍ୟୋଗୀ ସୃଷ୍ଟି ଭଳି ବିଭିନ୍ନ ଜୀବିକା ଭିତ୍ତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯିବ । ଏହା ସହିତ ଜଳସେଚନ ଭିତ୍ତିଭୂମି ସୃଷ୍ଟି, କୃଷି ଉତ୍ପାଦ ବା ଫସଲର ଅମଳ ପରବର୍ତ୍ତୀ ଯତ୍ନ ଓ ସଂରକ୍ଷଣ ଭିତିଭୂମି ବିକଶିତ କରିବା ସହିତ କୃଷି ଉତ୍ପାଦରେ ମୂଲ୍ୟଯୁକ୍ତ କରିବା, ବଜାରୀକରଣ, କ୍ଷୁଦ୍ର ପ୍ରକ୍ରିୟାକରଣ ଉଦ୍ୟୋଗ ପାଇଁ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି କରାଯିବ ।

## ଅଳସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟ ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା- ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଲାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଚର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।



### ଖବର

## ଶ୍ରୀକୃଷ୍ଣଙ୍କ କୃପାପ୍ରାପ୍ତିର ଉପାୟ



ପ୍ରଭୁ ଶ୍ରୀକୃଷ୍ଣଙ୍କର ଉପାସନା କରୁଥିବା ବ୍ୟକ୍ତିମାନେ ଜୀବନରେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥାନ୍ତି । ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ଶ୍ରୀକୃଷ୍ଣଙ୍କର ଅନେକ ମହତ୍ତ୍ୱ ରହିଛି । ଧର୍ମଶାସ୍ତ୍ରରେ ଉଲ୍ଲେଖ ରହିଛି ଅଛି ଯେ, ପ୍ରଭୁ ଶ୍ରୀକୃଷ୍ଣ ବାଲ୍ୟାବସ୍ଥାରେ ଲହୁଣୀ ଚୋରି କରି ଖାଉଥିଲେ, ଗୋପୀଙ୍କ ବସ୍ତ୍ର ଚୋରି କରୁଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଉପାସନା କରିବା ପାଇଁ ଭକ୍ତମାନେ ତାଙ୍କର ମୂର୍ତ୍ତିକୁ ସ୍ଥାପନ କରି ଥାଆନ୍ତି। ମୂର୍ତ୍ତି ସ୍ଥାପନ କରି ତାଙ୍କର ବିଶେଷ ରୂପେ ପୂଜାର୍ଚ୍ଚନା କରିଥାଆନ୍ତି। ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରିବା ପରେ କ'ଣ କରିବା ଉଚିତ୍ ତାହା ଭକ୍ତମାନେ ଜାଣିବା ଉଚିତ। ତେଣୁ ମୂର୍ତ୍ତି ସ୍ଥାପନ କରିବା ପରେ ଭଗବାନ ଶ୍ରୀକୃଷ୍ଣଙ୍କର ବିଶେଷ ଭାବେ ପୂଜାର୍ଚ୍ଚନା କରନ୍ତୁ । ନଚେତ୍ ତାହା ଜୀବନରେ ଉନ୍ନତି ଆଣିବା ବଦଳରେ ଓଲଟା ଫଳ ଦେଇଥାଏ । ଯେଉଁଠି ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ଅଛି ସେହିଠାରେ ବଂଶୀ ରଖିବା ଆବଶ୍ୟକ ଅଟେ । କୁହାଯାଏ ଯେ, ଭଗବାନ ଶ୍ରୀକୃଷ୍ଣଙ୍କୁ ବଂଶୀର ଧ୍ୱନି ଅତ୍ୟନ୍ତ ପସନ୍ଦ ଅଟେ । ତେଣୁ ଘରେ ବଂଶୀ ରଖିବା ଦ୍ୱାରା ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ । ଶ୍ରୀକୃଷ୍ଣଙ୍କର ଗାଈ ଓ ବାଛୁରୀ ଅତ୍ୟନ୍ତ ପ୍ରିୟ । ତାଙ୍କୁ କ୍ଷୀର, ଲହୁଣୀ ଓ କ୍ଷୀରରୁ ପ୍ରସ୍ତୁତ ସମସ୍ତ ଦ୍ରବ୍ୟ ଖାଇବାକୁ ଭଲ ଲାଗିଥାଏ । ତେଣୁ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ରଖିବା ସ୍ଥାନରେ ଗାଈ ଓ ବାଛୁରୀ ମୂର୍ତ୍ତି ମଧ୍ୟ ରଖନ୍ତୁ । ପୂଜା ସ୍ଥାନରେ ମୟୁର ଚୂଳ ମଧ୍ୟ ରଖନ୍ତୁ । ମୟୁର ଚୂଳ ରଖିବା ଦ୍ୱାରା ପରିବାରରେ ସୁଖଶାନ୍ତି ପ୍ରବେଶ କରିଥାଏ । କୃଷ୍ଣଙ୍କ ପୂଜାରେ ସର୍ବଦା ଲହୁଣୀ ଓ ମିଶ୍ରି ଭୋଗ ଲଗାନ୍ତୁ । ଶ୍ରୀକୃଷ୍ଣଙ୍କ ପାଖରେ ସର୍ବଦା ରାଧାଙ୍କ ମୂର୍ତ୍ତି ରଖନ୍ତୁ । ଏହାସହ କଇଁ ଫୁଲ ମଧ୍ୟ ରହିବା ଉଚିତ। କାରଣ କଇଁ ପଙ୍କରୁ ଜାତ ହୋଇଥାଏ। ଏହା ଜୀବନରେ ସଂଘର୍ଷ ଓ ବିଜୟୀ ହେବାର ପ୍ରତୀକ ଅଟେ ।

## ବିଳାସପ୍ରିୟ ଦେବରାଜ

ହିନ୍ଦୁଧର୍ମରେ ମୂଳତଃ ୩୩ ପ୍ରମୁଖ ଦେବତାଙ୍କ ସଂପର୍କରେ ଉଲ୍ଲେଖ ରହିଛି। ସମସ୍ତ ଦେବତାଙ୍କ କାର୍ଯ୍ୟ ଏବଂ ଚରିତ୍ର ଭିନ୍ନ ଭିନ୍ନ ଅଟେ। ତେବେ ଦେବରାଜ ଇନ୍ଦ୍ରଙ୍କ ବଦ୍‌ନାମ ଯଥେଷ୍ଟ ଅଧିକ। କାରଣ ଦେବରାଜ ସର୍ବଦା ଭୋଗ ଓ ଐଶ୍ୱର୍ଯ୍ୟରେ ବୁଡ଼ି ରହିବାକୁ ପସନ୍ଦ । ସବୁ ସମୟରେ ତାଙ୍କର ସିଂହାସନର ଚିନ୍ତା । ସମସ୍ତେ କାହିଁକି ଦେବରାଜ ଇନ୍ଦ୍ରଙ୍କ ସିଂହାସନ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତି, କାରଣ ସେ ସ୍ୱର୍ଗର ରାଜା ଅଟନ୍ତି। ଇନ୍ଦ୍ର ଦେବତାଙ୍କ ଅଧିପତି ଅଟନ୍ତି। ସୁନ୍ଦରୀ ଅପ୍ସରାମାନେ ତାଙ୍କ ଦରବାରରେ ନୃତ୍ୟ କରନ୍ତି ଏବଂ ଗନ୍ଧର୍ବମାନେ ସଂଗୀତ ପରିବେଷଣ କରି ଇନ୍ଦ୍ରସଭାରେ ମନୋରଞ୍ଜନ କରିଥାନ୍ତି। ଦେବାସୁରଙ୍କ ସହ ଇନ୍ଦ୍ରଙ୍କର ସର୍ବଦା ଲଢ଼େଇ ଜାରି ରହିଥାଏ। ଦେବାସୁର ସୁରାପାନ କରିଥିଲେ ମଧ୍ୟ ସେ ଅସୁର ନୁହନ୍ତି। ଅଦିତିଙ୍କ ପୁତ୍ର ହେଉଛନ୍ତି ଦେବରାଜ ଇନ୍ଦ୍ର। ଇନ୍ଦ୍ରାଣୀ ବା ଶଚୀ ଦେବରାଜ ଇନ୍ଦ୍ରଙ୍କ ପତ୍ନୀ ଅଟନ୍ତି। ତାଙ୍କର ଅନ୍ୟନାମ ପୌଲୋମୀ ମଧ୍ୟ କୁହାଯାଏ। ଶଚୀପତି ଇନ୍ଦ୍ରଙ୍କ ପୂର୍ବରୁ ପାଞ୍ଚଜଣ ଇନ୍ଦ୍ର ଦେବରାଜ ଆସନରେ ଅଳଙ୍କୃତ ହୋଇଥିଲେ। ସେମାନଙ୍କୁ ସୁରେଶ, ସୁରେନ୍ଦ୍ର, ଦେବେନ୍ଦ୍ର, ଦେବେଶ, ବାସବ, ସୁରପତି, ଶକ୍ର, ପୁରନ୍ଦର ମଧ୍ୟ କୁହାଯାଏ। କ୍ରମଶଃ ୧୪ ଜଣ ଦେବରାଜ ଆସନ ଅଳଙ୍କୃତ କରିଥିଲେ। ସେମାନେ ହେଲେ ଯଜ୍ଞ, ବିପାଶ୍ଚିତ, ଶିବି, ବିଧୁ, ମନୋଜବ, ପୁରନ୍ଦର, ବାଲୀ, ଅଦ୍ଭୁତ, ଶାନ୍ତି, ବିଶ, ରିତୁଶାମ, ଦେବାସ୍ୱତି ଏବଂ ସୁଚୀ। ଏମାନଙ୍କ ମଧ୍ୟରୁ ଶଚୀପତି ଇନ୍ଦ୍ର ପୁରନ୍ଦରଙ୍କ ପୂର୍ବରୁ ୫ ଜଣ ଇନ୍ଦ୍ର ଦେବରାଜ ଆସନରେ ବସିଥିଲେ। ଋଗ୍‌ବେଦରେ ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କ ସଂପର୍କରେ ବିଶଦ ବର୍ଣ୍ଣନା କରାଯାଇଛି। ଦେବତାଙ୍କ ଅଧିପତି ଇନ୍ଦ୍ର, ଗୁରୁ, ବୃହସ୍ପତି ଏବଂ ବିଷ୍ଣୁ ପରମ ଇଷ୍ଟ ଅଟନ୍ତି। ଅନ୍ୟପକ୍ଷରେ ଦୈତ୍ୟଙ୍କ ଅଧିପତି ହିରଣାକ୍ଷ ଓ ହିରଣ୍ୟକଶିପୁ ପରେ ବିରୋଚନ ଦୈତ୍ୟ ଅଧିପତି ଦାୟିତ୍ୱ ନେଲେ, ଯାହାଙ୍କ ଗୁରୁ ଅଟନ୍ତି ଶୁକ୍ରାଚାର୍ଯ୍ୟ ଏବଂ ଶିବ ପରମ ଇଷ୍ଟଦେବ ଅଟନ୍ତି। ଇନ୍ଦ୍ରଙ୍କର ବିବାହ ଅସୁରରାଜ ପୁଲୋମାଙ୍କ ପୁତ୍ରୀ ଶଚୀଙ୍କ ସହ ହୋଇଥିଲା ଇନ୍ଦ୍ରଙ୍କ ପୁତ୍ରଙ୍କ ନାମ ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି। ସେମାନଙ୍କୁ ଦୁଇ ବସୁକ୍ତ ତଥା ବୃଷା ଋଷି (ଯିଏ ବୈଦିକ ମନ୍ତ୍ର ରଚନା କରିଥିଲେ।) କୁହାଯାଏ। ଇନ୍ଦ୍ରଙ୍କର ଜନ୍ମ ସଂପର୍କରେ ମଧ୍ୟ ଋଗ୍‌ବେଦରେ ବର୍ଣ୍ଣନା କରାଯାଇଛି। ଋଗ୍‌ବେଦର ଚତୁର୍ଥ ଅଧ୍ୟାୟରେ ଲିଖିତ ଅଛି ଯେ, ଇନ୍ଦ୍ରଙ୍କ ମାତାଙ୍କ ନାମ ଅଦିତ। ଏହା ମଧ୍ୟ କୁହାଯାଏ ଯେ, ଇନ୍ଦ୍ର ନିଜ ମାତାଙ୍କ ଗର୍ଭରେ ଦୀର୍ଘଦିନ ପର୍ଯ୍ୟନ୍ତ ରହିଥିଲେ। ସେଥିପାଇଁ ଅଦିତିଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା। ତେବେ ଅଧିକ ଦିନ ଗର୍ଭରେ ରହିଥିବା କାରଣରୁ ସେ ଅତ୍ୟନ୍ତ ବଳଶାଳୀ ଓ ପରାକ୍ରମୀ ଥିଲେ।

## ବାବା ବାଲି ଲୋକନାଥ

ଗଞ୍ଜାମ ବ୍ଲକର ଋଷିକୁଲ୍ୟା ନଦୀ ପାର୍ଶ୍ୱସ୍ଥ ମାଳି ଜଗନ୍ନାଥପୁର ଗାଁରେ ପ୍ରାୟ ୭ ଏକର ଜାଗାରେ ରହିଛି ବାବା ବାଲି ଲୋକନାଥଙ୍କ ମନ୍ଦିର ଯ ପୌରାଣିକ କିମ୍ବଦନ୍ତୀ କୁହେ, ପ୍ରଭୁ ରାମଚନ୍ଦ୍ର ନବାସ ସମୟରେ ଏଠି ମହାଦେବଙ୍କ ଲିଙ୍ଗ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ । କାଳକ୍ରମେ ତାହା ନଦୀ ବାଲିରେ ପୋତି ହୋଇଯାଇଥିଲା । ଏକଦା ପାରଳା ମହାରାଜା ପୁରୀରୁ ପାରଳାଖେମୁଣ୍ଡି ଅଭିମୁଖେ ଯାଉଥିବା ବେଳେ ପୋତି ହୋଇ ଯାଇଥିବା ମନ୍ଦିରର ତ୍ରିଶୂଳ ଘୋଡା ଟାପୁରେ ବାଜି ରକ୍ତସ୍ରାବ ହୋଇଥିଲା ।ପରେ ରାଜାଙ୍କ ଆଦେଶରେ ପୋତି ହୋଇଥିବା ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା । ବାଲିରୁ ଉଦ୍ଧାର କରାଯାଇଥିବାରୁ ମହାଦେବଙ୍କୁ ବାଲି ଲୋକନାଥଙ୍କ ନାମରେ ନାମିତ କରାଯାଇଥିଲା । ଏହାର ଶ୍ରେୟ ପାଇଁ ପାରଳା ମହାରାଜା ଓ ଆଠଗଡ଼ ରାଜାଙ୍କ ମଧରେ ବିବାଦ ସୃଷ୍ଟି ହୋଇଥିଲା । ପରେ ମନ୍ଦିର ଦାୟିତ୍ୱ ଆଠଗଡ଼ ରାଜାଙ୍କୁ ହସ୍ତାନ୍ତର କରାଯାଇଥିଲା । ବାବା ବାଲି ଲୋକନାଥଙ୍କ ଭୋଗରାଗ ପାଇଁ ପାରଳା ରାଜା କିଛି ଜମି ପୂଜାରୀମାନଙ୍କୁ ପ୍ରଦାନ କରିଥିଲେ । ସେହି ଜାଗା ଏବେ ମାଳି ଜଗନ୍ନାଥପୁର ଓ କଲ୍ୟାଣପୁର ଗାଁ ନାମରେ ବେଶ ପରିଚିତ ।ସେହି ଗ୍ରାମର ପ୍ରାୟ ୮୦ ପରିବାର ନିଜ ମଧରେ ପାଳି କରି ବାବା ବାଲି ଲୋକନାଥଙ୍କ ପୂଜାର୍ଚ୍ଚନା କରିଆସୁଛନ୍ତି । ପ୍ରତି ମାସର ସୋମବାର, ଶନିବାର, ସଂକ୍ରାନ୍ତି, ଶିବରାତ୍ରି, କାର୍ତ୍ତିକ ଓ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ବହୁ ଭକ୍ତ ବାବା ବାଲି ଲୋକନାଥଙ୍କ ଦର୍ଶନ କରିଥାନ୍ତି ।ଶ୍ରାବଣ ସୋମବାରେ କାଉଡିଆମାନେ ବାବାଙ୍କୁ ଜଳାଭିଷେକ କରିଥାନ୍ତି। ଦିନର ପ୍ରଥମ ପ୍ରହରରେ ଏଠି ବାବାଙ୍କୁ ନଡ଼ିଆ ଓ କଦଳୀ ଭୋଗ ଲାଗିକରାଯାଏ । ମଧ୍ୟାହ୍ନରେ ବାବାଙ୍କୁ ଭାତ, ଡାଲମା ଭୋଗ ଲାଗି କରାଯାଇଥାଏ ।ପାର୍ଶ୍ୱ ଦେବଦେବୀ ଭାବେ ଗଣେଶ, ପାର୍ବତୀ, କାର୍ତ୍ତିକେୟ ଓ କାଶୀବିଶ୍ୱନାଥ ପୂଜା ପାଉଛନ୍ତି ।ପାରଳା ମହାରାଜା କାଶୀବିଶ୍ୱନାଥଙ୍କୁ ବସାଇଥିଲେ । ଲୋକଙ୍କ ବିଶ୍ୱାସ ରହିଛି ଭକ୍ତଙ୍କ ଡାକ ଶୁଣି ସବୁ ସମସ୍ୟାର ସମାଧାନ କରିଥାନ୍ତି ବାବା ଲୋକନାଥ । ଆଉ ଏହି ବିଶ୍ୱାସକୁ ଆଧାର କରି ଭକ୍ତ ଛୁଟି ଆସନ୍ତି ବାବା ବାଲି ଲୋକନାଥଙ୍କ ପୀଠକୁ ।



## ଶଙ୍ଖା-ସିନ୍ଦୂର

ହାତରେ ଶଙ୍ଖା, ମଥାରେ ସିନ୍ଦୂର ଓ ପାଦରେ ଅଳତା- ଏହା ହେଉଛି ଜଣେ ବିବାହିତା ହିନ୍ଦୁ ନାରୀର ଭୂଷଣ। ଆଜିକାଲି କିନ୍ତୁ ଏହାର ମହତ୍ୱ କେହି ବୁଝୁନାହାନ୍ତି। ଅନେକେ ଏହାକୁ ହିନ୍ଦୁ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ବୋଲି ମାନିଲେଣିୟ ହିନ୍ଦୁମାନେ ଏକ ବୈଜ୍ଞାନିକ ଜାତି- ସେମାନେ କେବେ ବି କେଣସି ଅଯଥା ଜିନିଷକୁ ତାଙ୍କ ସଂସ୍କୃତିରେ ରଖିନାହାନ୍ତି। ସକାଳୁ ଉଠି ସ୍ନାନ ସାରି ସୂର୍ଯ୍ୟଙ୍କୁ ପାଣି ଦେବା, ତୁଳସୀ ମୂଳେ ପାଣି ଦେବା ଓ ପୂଜା କରିବା, ସନ୍ଧ୍ୟାବତି ଜାଳିବା, ଗୋମାତାର ସେବା କରିବା- ଏ ସବୁ ଭିତରେ ରହିଛି ଅସୀମ ଉପାଦେୟତା ଓ ବୈଜ୍ଞାନିକ କାରଣ। ଆମ ଗୁରୁଦେବ କହନ୍ତି- ''ଲୁହା ପୋଷେ ରକ୍ତକଣା ଶଙ୍ଖ ପୋଷେ ହାଡ଼, ସିନ୍ଦୂର ତ ଶୋଭା ବାଏ ବନ୍ଧ୍ୟାର ପ୍ରତିକାର।'' (ଅନୁଶ୍ରୁତି)। ଅର୍ଥାତନାରୀମାନେ ହାତରେ ଯେଉଁ ଲୁହା ଚୁଡ଼ି ଓ ଶଙ୍ଖରେ ତିଆରି ଶଙ୍ଖା ପିନ୍ଧନ୍ତି, ତାହାର ଉପାଦେୟତା ରହିଛ। ଲୁହା ବା ଲେହସାର ଆମର ରକ୍ତକଣିକାକୁ ପୋଷଣ ଦିଏୟ କ୍ୟାଲସିୟମ କାର୍ବୋନେଟ୍ରେ ତିଆରି ଶଙ୍ଖା ଆମର ହାଡ଼କୁ ପୋଷଣ ଦିଏୟ ସିନ୍ଦୂର ନାରୀର ଶୋଭା ବୃଦ୍ଧି କରିବା ସହ ବନ୍ଧ୍ୟାଦୋଷର ନିରାକରଣ କରେୟ ସେଥିପାଇଁ ହାତରେ ଲୁହା ଓ ଶଙ୍ଖର ଚୁଡ଼ି ପିନ୍ଧିବା ଓ ମଥାରେ ସିନ୍ଦୂର ଲଗାଇବାର ପରମ୍ପରା ରହିଛି। ତା'ଛଡ଼ା ପାଦରେ ଯେଉଁ ଅଳତା ପିନ୍ଧାଯାଏ, ତାହା ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ପାଦ ଫାଟିବା ଇତ୍ୟାଦିକୁ ନିରୋଧ କରିଥାଏ। କେବଳ ଲୁହା ଓ ଶଙ୍ଖ ନୁହେଁ, ଅନ୍ୟ ଧାତୁ ଯଥା ସୁନା ଓ ରୂପାର ଚୁଡ଼ି ମଧ ପିନ୍ଧାଯାଏ। କମ୍ ପରିମାଣର ହେଲେ ବି ଆମ ଶରୀର ସୁନା ଓ ରୂପାର ଧାତୁସାର ମଧ ଆବଶ୍ୟକ କରେ। ତେବେ ସବୁଠୁ ଅଧିକ ଆବଶ୍ୟକ ଲୁହା। ଯେତେବେଳେ ଜଣେ ମହିଳା ସନ୍ତାନ ପ୍ଲାନିଂ ନେଇ ଡାକ୍ତରଙ୍କ ପାଖକୁ ଯାଏ, ଡାକ୍ତର ତା'ର ଆବଶ୍ୟକ ପରୀକ୍ଷାନିରୀକ୍ଷା କରିବା ପରେ ଅଭାବ ଥାଉ ବା ନ ଥାଉ, ଆଇରନ, କ୍ୟାଲସିୟମ୍, ଫଲିକ୍ ଏସିଡ୍ ଓ ଭିଟାମିନ୍ ଇ ଖାଇବାକୁ ଦିଅନ୍ତି। କାରଣ ଗର୍ଭବତୀ ହେଲେ ଏଇ ଧାତୁସାର ଓ ଭିଟାମିନଗୁଡ଼ିକର ଅଧିକ ଆବଶ୍ୟକତା ପଡ଼େ। କବିରାଜ ପାଠରେ ବି ମାଆମାନଙ୍କୁ ଦୁବରସ ଓ ମହୁ ଖାଇବାକୁ ପରାମର୍ଶ ଦିଆଯାଏ। ଏଥିରେ ବି ଆବଶ୍ୟକ



ଆଇରନ ଓ କ୍ୟାଲସିୟମ ରହିଛ। ସିନ୍ଦୂର ମଧ ନାରୀମାନଙ୍କର ଏକ ପ୍ରକାର ରକ୍ଷାକବଚ ଭାବେ କାମ କରେୟ ମଥାରେ ଦୁଇ ଭ୍ରୂଲତା ମଝିରେ ସିନ୍ଦୂର ପିନ୍ଧିବା ସୂଚଏ, ସେ କାହାକୁ ସ୍ୱାମୀ ଭାବେ ବରଣ କରିଛି। ସିନ୍ଦୁର ସିନ୍ଦୂର ଗାର ଟାଣିବା ସୂଚଏ ସେହି ପୁରୁଷ ତାକୁ ସ୍ତ୍ରୀ ରୂପେ ଗ୍ରହଣ କରିସାରିଛି, ଅର୍ଥା ତା'ର ବିବାହ ହୋଇସାରିଛ। ତେଣୁ ମଥାରେ ଦାଉଦାଉ ହୋଇ ଜଳୁଥିବା ସିନ୍ଦୂର ମନରେ ଖରାପ ଚିନ୍ତା ରଖିଥିବା ପରପୁରୁଷମାନଙ୍କୁ ବିକର୍ଷିତ କରେ। ଜ୍ୟୋତିଷ ପାଠରେ ମଙ୍ଗଳଗ୍ରହ ସହ ନାଲିରଙ୍ଗ ଓ ରକ୍ତର ସମ୍ବନ୍ଧ ରହିଛି। ବିଜ୍ଞାନରେ ମଙ୍ଗଳଗ୍ରହକୁ ରେଡ୍ ପ୍ଲାନେଟ୍ ବୋଲି କୁହାଯାଏ। ଯେଉଁମାନଙ୍କ ଜାତକରେ ମଙ୍ଗଳଦୋଷ ଥାଏ ଏବଂ ଯେଉଁମାନେ ଜାତକରେ ମଙ୍ଗଳର ଦୁଃସ୍ଥିତିଜନିତ ପୀଡ଼ା ଭୋଗୁଥାନ୍ତି, ସେମାନଙ୍କୁ ତାହାର ପ୍ରତିକାର କରିବାକୁ ପରାମର୍ଶ ଦିଆଯାଏ। ନାଲିଧଡ଼ିର ଲୁଗା ପିନ୍ଧିବା, ଅଳତା ଓ ସିନ୍ଦୂର ପରି ନାଲି ରଙ୍ଗ ବ୍ୟବହାର କରିବା ମଧ ଅନେକାଂଶରେ ମଙ୍ଗଳଦୋଷର ନିବାରଣ କରିଥାଏ। ସିନ୍ଦୂର ମଧ ନାରୀମାନଙ୍କର ଏକ ପ୍ରକାର ରକ୍ଷାକବଚ ଭାବେ କାମ କରେ। ମଥାରେ ଦୁଇ ଭ୍ରୂଲତା ମଝିରେ ସିନ୍ଦୂର ପିନ୍ଧିବା ସୂଚଏ, ସେ କାହାକୁ ସ୍ୱାମୀ ଭାବେ ବରଣ କରିଛି। ସିଁଥିରେ ସିନ୍ଦୂର ଗାର ଟାଣିବା ସୂଚଏ ସେହି ପୁରୁଷ ତାକୁ ପତ୍ନୀରୂପେ ଗ୍ରହଣ କରିସାରିଛି, ଅର୍ଥାତ ତା'ର ବିବାହ ହୋଇସାରିଛିୟ ତେଣୁ ମଥାରେ ଦାଉଦାଉ ହୋଇ ଜଳୁଥିବା ସିନ୍ଦୂର ମନରେ ଖରାପ ଚିନ୍ତା ରଖିଥିବା ପରପୁରୁଷମାନଙ୍କୁ ବିକର୍ଷିତ କରେ। ଆଗକାଳରେ ଦୁଷ୍ଟ ପ୍ରକୃତିର ରାଜା-ମହାରାଜାମାନେ ତଥା ମୁସଲମାନ ରାଜୁତ୍ୱ ସମୟରେ ମୁସଲମାନ ସିପାହୀ ଓ ସୈନ୍ୟମାନେ ସୁନ୍ଦରୀ ଝିଅମାନଙ୍କ ଉପରେ ଖରାପ ନଜର ପକାଉଥିଲେ। ସେଥିପାଇଁ ଝିଅମାନଙ୍କୁ କମ୍ ବୟସରେ ବାହା କରି ଦିଆଯାଉଥିଲା, ସେମାନେ କ୍ୱଚି ଏକୁଟିଆ ପଦାକୁ ବାହାରୁଥିଲେ ଏବଂ ଯେତେବେଳେ ବି ପଦାକୁ ବାହାରୁଥିଲେ ମଥାର ସିନ୍ଦୂର ସେମାନଙ୍କୁ ଅନେକାଂଶରେ ରକ୍ଷା କରିବାରେ ସାହାଯ୍ୟ କରୁଥିଲା। ଏହି ସିନ୍ଦୂର ମଧ ଏକ ସ୍ମାରକ ଭାବେ କାମ କରିଥାଏ। ଏହା ନାରୀମାନଙ୍କୁ ପ୍ରତି ମୁହୂର୍ତ୍ତରେ ସ୍ମରଣ କରାଇଥାଏ ଯେ ତୁମେ ଜଣେ ବିବାହିତା ନାରୀ, ତୁମର ଜଣେ ସ୍ୱାମୀ ଅଛି, ଦେବତାଙ୍କୁ, ଅଗ୍ନିଙ୍କୁ ସାକ୍ଷୀ ରଖି ତୁମେ ତାଙ୍କୁ ସାତଜନ୍ମ ପାଇଁ ସ୍ୱାମୀରୂପରେ ବରଣ କରିଛ- ତେଣୁ ଅନ୍ୟ ପୁରୁଷଠାରୁ ଯଥାସମ୍ଭବ ଦୂରରେ ରହିବା ଉଚିତ।

## ପର୍ଶୁରାମଙ୍କ ଦ୍ୱାରା ନିହତ ହୋଇଥିଲେ ସହସ୍ରାର୍ଜୁନ

ହୈହବ ବଂଶର ରାଜା ଥିଲେ ଅର୍ଜୁନ। ସେ ଜଣେ ଶ୍ରେଷ୍ଠ କ୍ଷତ୍ରିୟ ଥିଲେ । ନାରାୟଣଙ୍କର ଅଂଶରେ ଜନ୍ମ ନେଇଥିବା ଦତ୍ତାତ୍ରେୟଙ୍କର ସେ ଅନେକ ପ୍ରକାରରେ ସେବା କରି ପ୍ରସନ୍ନ କଲେ । ଏକ ହଜାର ବାହୁ ଓ ଅପରାଜେୟ ରହିବାର ବର ଲାଭ କଲେ । ତାଙ୍କର କୃପାରୁ ଅନେକ ସମ୍ପତ୍ତି,



ଅତୁଳନୀୟ ବଳ, ବୀରତା, କୀର୍ତ୍ତି ଓ ଶାରୀରିକ ବଳ ଲାଭ କଲେ । ସେ ନିଜର ଶକ୍ତି ବଳରେ ଅତି ଛୋଟ କିମ୍ବା ଅତି ବଡ଼ ରୂପ ଧାରଣ କରି ପାରୁଥିଲେ । ସେ ସଂସାରରେ ବାୟୁ ଭଳି ବିନା ବାଧାରେ ଚଳପ୍ରଚଳ ହୋଇ ପାରୁଥିଲେ । ଥରେ ବୈଜୟନ୍ତୀମାଳା ପିନ୍ଧି ସହସ୍ରବାହୁ ଅର୍ଜୁନ ଅନେକ ସୁନ୍ଦରୀ ସ୍ତ୍ରୀମାନଙ୍କ ସହିତ ନର୍ମଦା ନଦୀରେ ଜଳ ବିହାର କରୁଥିଲେ । ସେ ନିଜର ବାହୁ ଦ୍ୱାରା ନଦୀର ପ୍ରବାହକୁ ରୋକିଦେଲେ । ଦଶମୁଖ ରାବଣର ଶିବିର ସେହି ନଦୀ ନିକଟରେ ଥିଲା । ନଦୀର ଧାରା ବିପରୀତ ଦିଗରେ ବହିବାକୁ ଲାଗିଲା। ଫଳରେ ରାବଣର ଶିବିର ବୁଡ଼ିବାରେ ଲାଗିଲା । ରାବଣ ନିଜକୁ ବହୁତ ବଡ଼ ବୀର ବୋଲି ମଣୁଥିଲା । ତେଣୁ ସେ ସହସ୍ରାର୍ଜୁନର ଏପରି ପରାକ୍ରମ ସହି ପାରିଲା ନାହିଁ । ଯେତେବେଳେ ରାବଣ ସହସ୍ରାର୍ଜୁନ ପାଖକୁ ଯାଇ ତାକୁ ଗାଳି ଦେବାରେ ଲାଗିଲା ସେତେବେଳେ ସହସ୍ରାର୍ଜୁନ ତାହାକୁ କଣ୍ଢେଇ ଭଳି ଧରି ନେଇ ନିଜର ରାଜଧାନୀ ମାହିଷ୍ମତୀ ନଗରୀକୁ ନେଇଗଲା ଓ ସେଠାରେ ବନ୍ଦୀ କରି ରଖିଲା । ପରେ ପୁଲସ୍ତ୍ୟ ଋଷି କହିବାରୁ ସହସ୍ରାର୍ଜୁନ ରାବଣକୁ ଛାଡ଼ିଦେଲା । ଥରେ ସହସ୍ରାର୍ଜୁନ ଶିକାର କରିବା ପାଇଁ ଘୋର ଜଙ୍ଗଲକୁ ଯାଇଥିଲେ । ଦୈବବଶତଃ ସେ ଜମଦଗ୍ନିଙ୍କର ଆଶ୍ରମରେ ଯାଇ ପହଞ୍ଚିଲେ । ଜମଦଗ୍ନିଙ୍କର ଆଶ୍ରମରେ କାମଧେନୁ ରହୁଥିଲେ । ତାଙ୍କର ସାହାଯ୍ୟରୁ ଋଷି ସେନା, ମନ୍ତ୍ରୀ ଓ ବାହନଙ୍କ ସହିତ ସହସ୍ରାର୍ଜୁନର ସ୍ୱାଗତ କଲେ । ସେ ଦେଖିଲେ ଯେ,ଜମଦଗ୍ନିଙ୍କର ପ୍ରତାପ ଅଧିକ । ତେଣୁ ସେ ତାଙ୍କର ସ୍ୱାଗତ ସତ୍କାରକୁ ଆଦର ନ କରି କାମଧେନୁକୁ ନେବା ପାଇଁ ନିଜର ସେବକମାନଙ୍କୁ ଆଦେଶ ଦେଲେ । ଆଦେଶ ଶୁଣି ସେବକଗଣ କାମଧେନୁଙ୍କୁ ତାର ବାଛୁରୀ ସହିତ ମାହିଷ୍ମତୀ ନଗରୀକୁ ନେଇଗଲେ । ଯେତେବେଳେ ପର୍ଶୁରାମ ଆସିଲେ, ସେ ସହସ୍ରାର୍ଜୁନର ଏତାଦୃଶ କର୍ମରେ ଅତ୍ୟନ୍ତ କ୍ଷୁବ୍ଧ ହେଲେ । ସେ ନିଜର ଭୟଙ୍କର ଫାର୍ସା, ଢ଼ାଲ ଏବଂ ଧନୁ ନେଇ ତାରରାଜଧାନୀକୁ ଗଲେ । ସହସ୍ରାର୍ଜୁନ ନିଜର ରାଜଧାନୀରେ ପ୍ରବେଶ କରୁଥିଲା ବେଳେ ଦେଖିଲା ଯେ, ପର୍ଶୁରାମ ଅତ୍ୟନ୍ତ କ୍ରୋଧର ସହିତ ତା ଆଡ଼କୁ ମାଡ଼ି ଆସୁଛନ୍ତି । ତାହାକୁ ଦେଖିବା ମାତ୍ରେ ସେ ଅନେକ ଅସ୍ତ୍ର,ଶସ୍ତ୍ରରେ ସୁସଜ୍ଜିତ ହାତୀ, ଘୋଡ଼ା, ରଥ ତଥା ପଦାତି ଯୁକ୍ତ ସୈନ୍ୟମାନଙ୍କୁ ପଠାଇଲା । ପର୍ଶୁରାମ ନିଜର ଫାର୍ସା ସାହାଯ୍ୟରେ ସମସ୍ତ ସୈନ୍ୟମାନଙ୍କୁ ମାରିଦେଲେ । ସୈନ୍ୟମାନଙ୍କର ମୃତ୍ୟୁ ହେବାର ଦେଖି ସହସ୍ରାର୍ଜୁନ ନିଜେ ଆସି ପର୍ଶୁରାମଙ୍କ ସହିତ ଯୁଦ୍ଧ କଲା । ସେ ଥରକରେ ନିଜର ହଜାରେବାହୁରେ ପାଞ୍ଚଶହଟି ବାଣ ପର୍ଶୁରାମଙ୍କ ଉପରକୁ ଛାଡ଼ିଲା । ପର୍ଶୁରାମ୍ ନିଜର ଗୋଟିଏ ବାଣରେ ସେଗୁଡ଼ିକୁ କାଟି ପକାଇଲେ । ପର୍ଶୁରାମ ନିଜର ଫାର୍ଶା ସାହାଯ୍ୟରେ ସହସ୍ରାର୍ଜୁନର ବାହୁଗୁଡ଼ିକୁ କାଟିଦେଲେ । ପରେ ପର୍ଶୁରାମ୍ ତାର ମୁଣ୍ଡ କାଟି ପକାଇଲେ । ସହସ୍ରାର୍ଜୁନର ମୃତ୍ୟୁ ଦେଖି ତାର ୧୦ ହଜାର ପୁଅ ଭୟରେ ପଳାଇଗଲେ । ପରେ ପର୍ଶୁରାମ୍ କାମଧେନୁକୁ ଆଣି ଜମଦଗ୍ନିଙ୍କୁ ଫେରାଇ ଦେଲେ । ଏହିପରି ଭାବରେ ସହସ୍ରାର୍ଜୁନ ନିଜର ଗର୍ବ ଯୋଗୁଁ ପର୍ଶୁରାମଙ୍କ ଦ୍ୱାରା ନିହତ ହେଲା ।

# ଖାଦ୍ୟ ଉତ୍ପାଦନ ବୃଦ୍ଧି

କୃଷି ଉତ୍ପାଦିତ ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରନ୍ତେ। କହିବା ବାହୁଲ୍ୟ ଯେ, ଦେଶ ସ୍ୱାଧୀନ ହେବାର ୭୯ ବର୍ଷ ପରେ ବି ଆମେ ଖାଦ୍ୟ ଉତ୍ପାଦନରେ ଶତ ପ୍ରତିଶତ ସ୍ୱାବ

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

॥ ଡାକ୍ତର କାନ୍ତୀ ନାୟକ ॥

*ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।*

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ୍ୟ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିକୁ ମଧ୍ୟ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗୀକୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିକୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

# ଘେରାଏ ପୃଥିବୀର ଅସରନ୍ତି ମଣିଷ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଆମେ ଯିଏ ଯେତେ, ଆମ ସଂସାରର ପୃଥିବୀବି ସେତିକି। ଦୂର ଯେତିକି, ନିକଟ ବି ସେତିକି। ଚିହ୍ନା ଯେତିକି, ଅଚିହ୍ନା ବି ସେତିକି। କୁଳାଣ ଯେତିକି ଅକୁଳଣ ବି ସେତିକି। ଆମେ ଆମ ପୃଥିବୀକୁ ଯେତିକି ଲାଗିଛୁ, ସେତିକି ବି ବିଲଗ ହୋଇଛୁ। ତେଣୁ ଅନେକ ଖନ୍ଦାରୁ ଦେଖିଲେ ଆମେ ପୃଥିବୀର ଅଗଣାକୁ ବୁଝିପାରି ନାହୁଁ, ନିବିଡ଼ ଏଇ ଓଡ଼ିଶା ଭୂଇଁରେ ଆମେ କେତେ କେତେ ମାପରେ ଆତଯାତ ହେଉଥିଲେ ହେଁ ଆମେ କେତେ ବାଗିର ସରି ସରି ଯାଉଛୁ ଆମ ଘେରାଏ ଏଇ ପୃଥିବୀର ସଂସାର ନିକଟରେ। ଆମ ଜଣା ଅଜଣା ଅନେକଙ୍କ ନିକଟରେ ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ) ଏହିପରି ବେଭାରରେ ଜଣେ ସଳଖ ମଣିଷ ହୋଇ ବଞ୍ଚିରହିଥିଲେ, ଯାହାଙ୍କ ନିକଟରେ ଏହି ଘେରାଏ ପୃଥିବୀ ସଂସାର ଜ୍ଞାନରେ ଏମୁଣ୍ଡରୁ ସେମୁଣ୍ଡ ଯାଏଁ ଆବୋରି ରହିଥିଲା। ମଣିଷ ସରି ସରି ଆସେ, କେତେ କେତେ ପଣର ଅନ୍ଦାଜ ଗୁଡ଼ିକରୁ। ମାତ୍ର ଚିତ୍ତଭାଇ ନିଜ ନିଦାପଣରେ ଅସରନ୍ତି ହୋଇ ଚାଲୁଥିଲେ। ଆଉ ସମସ୍ତଙ୍କ ଦିହରେ ଅସରନ୍ତି ମଣିଷର ବୈଚିତ୍ର୍ୟଯୁକ୍ତ ମହିମାକୁ କେତେ ଠାଣିରେ ଆଘ୍ରାଣ କରିନେଇଥିଲେ। କେମିତି କେଜାଣି ବିଧି ତାଙ୍କୁ କେଉଁ ଧାତୁରେ ଗଢ଼ିଥିଲା କେଜାଣି, ଏଇ ସଳଖ ମଣିଷ ଜଣକଯେ କେତେଦୂର ନଇଁ ଆସନ୍ତି ଓ ନଇଁ ପାରନ୍ତି ତାହା ବିସ୍ମୟାଭିଭୂତ କରିଦିଏ। ହଁ, କହିହେବ, ସ୍କୁଲ ଶିକ୍ଷାର ଅମିଳନ ଶିକ୍ଷକବୃନ୍ଦଙ୍କୁ, ସହପାଠୀଙ୍କୁ ଯିଏ ପ୍ରିୟ ଚିତ୍ତଭାଇଙ୍କ ଆଖିର ମହିମାକୁ, ହୃଦୟର ଗଭୀରତାକୁ ଆହୁରି ବାଂଙ୍ମୟ କରିବାରେ ଆଲକେମି ପରି କାର୍ଯ୍ୟ କରିଥିଲେ। ଦେଶ ସ୍ୱାଧୀନ ହୋଇ ଆସିବାର ସକ୍ରିୟ ସଙ୍କେତ ଗୁଡ଼ିକ ମିଳିଯାଉଥିବା ଜାଣି ଚିତ୍ତରଂଜନ ଶାନ୍ତିନିକେତନର ବିଦ୍ୟାର୍ଥୀ ହେବାକୁ ଅଭିଳାଷ ପୋଷଣ କରିଥିଲେ। ଶାନ୍ତିନିକେତନରୁ କୋପେନହେଗେନ୍ ଏବଂ ତହିଁ ଉତ୍ତାରୁ କେତେ କେତେ ସ୍ୱପ୍ନର ଅଭିଳାଷରେ ମୁଖର ଚିତ୍ତରଂଜନ ଶିକ୍ଷକ ହେବାର ପ୍ରତିଜ୍ଞାରେ ନିଜ ଚିନ୍ତନକୁ ଭିଜାଇ ଦେବାରେ ଉଚ୍ଛୁର କରିନଥିଲେ। ବିଦେଶମାଟିର କେତେ କେତେ ପରିବର୍ତ୍ତନକାମୀ ବିଚାର, ବ୍ୟବସ୍ଥା, ଜାଗରଣ, ଉଦ୍‌ବେଳନ, ବିଦ୍ୟା, ଅଭିପ୍ରାୟ, ନୈକଟ୍ୟକୁ କଦର କରିପାରିଥିବା ଚିତ୍ତରଂଜନ ଓଡ଼ିଶାକୁ ଛୁଉଁ ଛୁଉଁ ଜନ୍ମମାଟି ବାଗଲପୁରକୁ ନଯାଇ ଅନୁଗୁଳର ଚମ୍ପତିମୁଣ୍ଡାରେ ଜୀବନ ବିଦ୍ୟାଳୟ ତୀର୍ଥ-ଦର୍ଶନରେ ନିଜକୁ ମୁହାଁଇ ଆଣିଥିଲେ। ଅଗ୍ନିକନ୍ୟା ଶ୍ରୀମତୀ ମାଳତୀ ଚୌଧୁରୀ (ନୁମା) ଓ ଭୂଇଁଛୁଆଁ ମଣିଷ ବାପି (ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ)ଙ୍କ ହାତ ଗଢ଼ା ଅନୁଷ୍ଠାନ ବାଜିରାଉତ ଛାତ୍ରାବାସରୁ ରାସ୍ତା ପଡ଼ିଲା ଚମ୍ପତିମୁଣ୍ଡା-ଜୀବନ ବିଦ୍ୟାଳୟକୁ। ତମସାତୀରର ତୀର୍ଥଦର୍ଶନ-ଜୀବନ ବିଦ୍ୟାଳୟ। ୧୯୫୨ ମସିହାରେ ପ୍ରତିଷ୍ଠା ହେଲା ଜୀବନ ବିଦ୍ୟାଳୟ। ସତ୍ୟବାଦୀ ବନ ବିଦ୍ୟାଳୟ ଲୋକଲୋଚନରେ ଯେତେ ଚର୍ଚ୍ଚିତ, ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ-ଓଡ଼ିଶାର ଆଲୋଚନା ଅଙ୍ଗନରେ ତତୋଧିକ ଅବହେଳିତ। ମାତ୍ର ଜୀବନ-ବିଦ୍ୟାଳୟର ପୁଣ୍ୟ ସକାଳକୁ ଫୁଟାଇ ପାରୁଥିବା ଚିତ୍ତରଂଜନଙ୍କୁ କ୍ରମଶଃ ଅପସାରଣ କରିଦିଆଯାଇଥିଲା। ଏକମାତ୍ର ପୁସ୍ତକ /ଦଲିଲ୍- "ଚଳିଛି ନିକର" (ଲେଖକ- ଶ୍ରୀ ନନିଗୋପାଲ ପାଲିତ, ଜୀବନ-ବିଦ୍ୟାଳୟର ଛାତ୍ର, ପ୍ରକାଶକ - ଶିକ୍ଷା ସନ୍ଧାନ) ରେ ଜୀବନ-ବିଦ୍ୟାଳୟ କାହିଁକି ଓ କିପରି ନିଷ୍ପନ୍ଦ ପାଲଟିଗଲା ତାହାର କୋହ-ବିବରଣ ସନ୍ନିବେସିତ। କଟକ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀଙ୍କ ମେଳରେ ନିଜ ବ୍ରତକୁ ପଅଟାଇଥିବା ଚିତ୍ତରଂଜନ ଜୀବନ ବିଦ୍ୟାଳୟର ଉଭୟ ପରିଣତି ଓ ପଣତକୁ ଦେଖି ନିଶ୍ଚୟ ବିବ୍ରତ ହୋଇଥିବେ କି ନାହିଁ, ତାହା କିଏ ଅବା କହିବ ! ଏବେବି ଅଛନ୍ତି ଛାତ୍ର ଶ୍ରୀ ଶଶିଭୂଷଣ ପାଣିଗ୍ରାହୀ, ବୁର୍ଲା, ସମ୍ବଲପୁରରେ। କାଳ ଲମ୍ବି ଲମ୍ବି ଯାଉଥିବ। ଚିହ୍ନମାନ କେଜାଣି ହଜିଯିବେ! ଘେରାଏ ପୃଥିବୀର ପଣତରେ ଏଇ ଅମଳିନ ବିଦ୍ରୋହୀ ଆତ୍ମାଙ୍କୁ ହେଜିବାର ଅବସର ହାତଛଡ଼ା ନହେଉ। ହଁ, ଜୀବନ-ବିଦ୍ୟାଳୟରୁ ଆସିବାପରେ, ଚିତ୍ତରଂଜନ ସକାଳର ଘ୍ରାଣରେ ଆଗକୁ ପାଦ ବଢ଼ାଇଲେ, ବିଚ୍‌ପୁରୀ ଆଗ୍ରା ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଜୀବନର ଅୟମାରମ୍ଭ କଲେ। ସେତେବେଳର ଛାତ୍ର ଉତ୍ତରାଖଣ୍ଡର ଶ୍ରୀ ସଦନ ମିଶ୍ର, ଅଧ୍ୟାପକ ଶ୍ରୀ ରମେଶ ଘୋଡ଼େ (ନାଗପୁର) ଏବେବି ଏହି ପୁଣ୍ୟପ୍ଲୁତ ମଣିଷଙ୍କୁ କେତେ ଗଭୀର ଶ୍ରଦ୍ଧା-ନିବେଦନରେ ବିନୟାବନତ ହୋଇ ରହିଛନ୍ତି, ତାହା ଦେଖିଲେ ହିଁ ବିଶ୍ୱାସକରିହୁଏ। ଗଡ଼୍‌ୱାଲର ହାଟକଲ୍ୟାଣୀ ଗାଆଁରୁ ହିମାଳୟ ଦର୍ଶନର ଯାତ୍ରା ଶିଳାତୀର୍ଥରେ ପରିଣତ ହେଲା। ପାଦରେ ଚାଲି ଚାଲି ଶିଳାତୀର୍ଥର ନୟନାଭିରାମ ଅନୁଭୂତିର ପରାକାଷ୍ଠା। ଦୁଇଖଣ୍ଡ ପୁସ୍ତକରୁ ହିମାଳୟଦର୍ଶନ 'ଶିଳାତୀର୍ଥ'ର ସିନା ରୂପନେଲା ମାତ୍ର 'ଯମୁନେତ୍ରୀ'ର ଦର୍ଶନ ପୁସ୍ତକର ରୂପ ନେଇପାରିଲା ନାହିଁ। ଯମୁନେତ୍ରୀର ପାଣ୍ଡୁଲିପି ଓ ପ୍ରିୟ କ୍ୟାମେରା ଖଣ୍ଡକ କାହା ଲୋଭ ସମ୍ବରଣରେ କାଳ କାଳକୁ ଅତୀତ ହୋଇଗଲା। ଶିଳାତୀର୍ଥର ଉଲ୍ଲାସ ଓ ମହିମା ଯମୁନେତ୍ରୀ ଦର୍ଶନକୁ ଆଉ ଛୁଇଁ ପାରିଲା ନାହିଁ। ଘେରାଏ ପୃଥିବୀ ଓ ଅସରନ୍ତି ଅନୁଭୂତିର ଠୁଳ ସମ୍ମୋହନରୁ ବଞ୍ଚିତ ହେଲା କ୍ଷଣ କ୍ଷଣର ଜୀବନ। କ୍ଷଣ କ୍ଷଣର ଲୋଭନୀୟ ବିପଣିରୁ ଚିତ୍ତରଂଜନ ଆଖିଫେରାଇ ନେଇଥିଲେ। ମାତ୍ର ଯାହାକୁ ସେ ସାଉଁଟିନେଉଥିଲେ ତାହା କେବଳ ନିଜ ପାଇଁ ରଖିନଥିଲେ, ଆଉଜି ଦେଉଥିଲେ ଆଉ ଏକ ପୃଥିବୀର ଆତ୍ମାପାଇଁ। ସଂଗୃହୀତ ବିଭିନ୍ନ ଦେଶର ହଜାର ହଜାର ଡାକଟିକେଟକୁ ସେ କାହାକୁ ଦେବେ କାହାକୁ ଦେବେ ଖୋଜି ଖୋଜି - ଉଷାନଗରୀକୁ (ଅରୋଭିଲ) ଶେଷରେ ସମର୍ପି ଦେଇଗଲେ। ବିଶ୍ୱନୀଡ଼ମ୍‌ର ସଂପତ୍ତି ବିଶ୍ୱଅଙ୍ଗନର ସଂପତ୍ତି ପାଲଟିଗଲା। ମାଆ ହାରାମଣି ଦେବୀ ଓ ବାପା ଶ୍ରୀଯୁକ୍ତ ଖୋସାଲି ଚରଣ ଦାସଙ୍କ ଏଇ ପୁଅଟି ଯେଉଁଠିକୁ ଯାଉଥିଲେ ତାହାକୁ ଅସରନ୍ତି ଡୋରରେ ବାନ୍ଧି ରଖିଥିଲେ। ସେଥିପାଇଁ ବିଦେଶକୁ ଗଲାବେଳେ, ବାପା ବାଟେଇ ଦେବାକୁ ଆସି କହିଥିଲେ, "ତୁ ଫେରିଲା ବେଳକୁ ମୁଁ ଥିବିକି ନାହିଁ କିଏ କହିବରେ ! ମାତ୍ର ପୃଥିବୀର ଯୁଆଡ଼କୁ ଯିବୁ ତୋତେ ପୁଅ କରିନେବାକୁ କେତେ କେତେ ବାପା ମାଆ ମିଳିଯିବେ"। ହଁ, ତାହାହିଁ ହେଲା-ଅଧୀର ଘେରାଏ ପୃଥିବୀର ଅସରନ୍ତି ମଣିଷ ପ୍ରିୟ ଚିତ୍ତଭାଇ। ଯେତେବେଳେ ହେଉ ଯେଉଁଠି ବି ହେଉ, ଠୋ'ଠୋ' ହୋଇ ନାଗି ଆସନ୍ତି ସଳଖ ଭାବରେ, ବଡ଼ ନିଦା ଭାବରେ। ଭିଡ଼ ଠେଲି ଆଗକୁ, ଆମେ ପଛରେ ଥିଲେ, ସେ ଆଡ଼ ହୋଇ ଅନାଇ ରହିଛନ୍ତି କି!

**ବିଷମ କଟକ, ରାୟଗଡ**

# ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା

॥ ବାଦଲ ଭୂୟାଁ ॥

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି। ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି। ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ। ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ। କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି। ଶୀତଋତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ। ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ୍ୟ ଲାଗେ। ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି। ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ। କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର। ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି। ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ।

ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ। ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି। ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନବ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ। ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା। ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି। ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି। ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି। ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ। ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ଼୍‌ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜ୍ଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ। ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ୍ୟ କେହି କରିପାରିବେ ନାହିଁ। ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ। ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ। ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ୍ୟ କଟକଣା ଭିତରେ ରଖାଯିବା ଉଚିତ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

## ଗୋଟିଏ ରାତିରେ ତିନି ଜଣଙ୍କ ଘରୁ କଳା କନା ବୁଲେଇଲେ ଚୋର ଲକ୍ଷା ଧିକ ଟଙ୍କା ସହ ସୁନା ଗହଣା ଲୁଟ

ଉମରକୋଟ, (ମହାଭାରତ) : ଉମରକୋଟ ଥାନା ଅନ୍ତର୍ଗତ ସଦର ନୂଆଗୁଡା ଆଦିବାସୀ ଗ୍ରାମ ର କଲ୍ୟାଣ ମଜମୁଦାର (୩୩) ଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ନଗଦ ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀଙ୍କ କହିବାନୁସାରେ, ଗତ ୩୧ ଜୁଲାଇ ୨୦୨୬ ତାରିଖରେ ସେ ପରିବାର ସହ ଘରେ ତାଲା ପକାଇ ଶଶୁର ଘରକୁ ଯାଇଥିଲେ। ପରେ ୧ ଅଗଷ୍ଟ ୨୦୨୬ ଦିନ ଘରକୁ ଫେରିବା ପରେ ଘରର ତାଲା ଭଙ୍ଗା ଥିବା ଦେଖିଥିଲେ। ଘର ଭିତରେ ଯାଞ୍ଚ କରିବା ପରେ ଆଲମାରିରେ ରଖାଯାଇଥିବା ୧ ଲକ୍ଷ ୫୦ ହଜାର ଟଙ୍କା ଏବଂ ଅନ୍ୟ ଏକ ମାଟି ହୁଣ୍ଡିରେ ରଖାଯାଇଥିବା ୮୦ ହଜାର ଟଙ୍କା ଓ ଦୁଇଟି ସୁନା ଚେନ, କାନ ଫୁଲ ଗୋଟେ ହଳ, ହାର ସହ ମୋଟ ୨ ଲକ୍ଷ ୩୦ ହଜାର ନଗଦ ଟଙ୍କା ଚୋରି ହୋଇଥିବା ଜଣାପଡ଼ିଥିଲା. ସେହି ସମାନ ରାତିରେ ସେହି ଗ୍ରାମ ର ମହେନ୍ଦ୍ର ଧରୁଆ ନାମକ ବ୍ୟକ୍ତି ଙ୍କ ଘରୁ ମଧ୍ୟ ଦୁଇଟି ମୋବାଇଲ ଫୋନ ଓ ୪୦ ହଜାର ଟଙ୍କା ଚୋରି ହେଇଥିବା ଅଭିଯୋଗ ହେଇଛି. ସେହିପରି ଉମରକୋଟ ସଦର କେନାଲ ସାହି ର ରାଜେଶ ହରିଜନ ଙ୍କ ନୂଆ ଘରୁ ୭୦ ହଜାର ଟଙ୍କାର ଓ୍ୱିରିଙ୍ଗ କେବୁଲ ଚୋରି ହେଇଥିବା ମଧ୍ୟ ପୀଡିତ ଅଭିଯୋଗ କରିଛନ୍ତି.ଏନେଇ ଉଭୟ ତିନି ପୀଡ଼ିତ ବ୍ୟକ୍ତି ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସ୍ୱାଧୀନତା ସଂଗ୍ରାମୀ ମହେଶ୍ଚନ୍ଦ୍ର ସୁବାହୁ ସିଂହ ଙ୍କ ତିରୋଧାନ ଦିବସ ପାଳିତ



ପରଜଙ୍ଗ, (ମହାଭାରତ) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ର ଗଡ଼ ପରଜଙ୍ଗ ରେ ୦୧/୦୮/୧୮୭୬ ମସିହାରେ ମହେଶ୍ଚନ୍ଦ୍ର ସୁବାହୁ ସିଂହ ଜନ୍ମ ଗ୍ରହଣ ଓ ୦୧/୦୮/୧୯୫୯ ମସିହାରେ ତିରୋଧାନ କରିଥିଲେ। ଢ଼େଙ୍କାନାଳ ଗଡଜାତ ରେ ପାଇକ ମାନଙ୍କୁ ଏକତ୍ରିତ କରି ଇଂରେଜ ମାନଙ୍କ ସହ ଲଢ଼େଇ କରି ଅନେକ ବାର କାରାବରଣ କରିଥିଲେ। ପରାଧୀନ ଭାରତ ରେ ଦ୍ୱିତୀୟ ଓଡ଼ିଶା ବିଧାନସଭା ଓ ସ୍ୱାଧିନ ଭାରତ ର ପାଲଲହଡା ନିର୍ବାଚନ ମଣ୍ଡଳୀରେ ଦୁଇଥର ବିଧାୟକ ଭାବେ ଥିଲେ। ମହେଶ୍ଚନ୍ଦ୍ର ସୁବାହୁ ସିଂହ ଙ୍କ ନାମରେ ପରଜଙ୍ଗ ଉଚ୍ଚ ବିଦ୍ୟାଳୟ ର ନାମ ରେ ନାମିତ ହୋଇଛି।ଅଗଷ୍ଟ ମାସ ୧ ତାରିଖ ତାଙ୍କର ତିରୋଧାନ ପାଳନ ଅବସରରେ ଗଡ଼ ପରଜଙ୍ଗ ର ମୁଖ୍ୟ ବଜାର ଛକ ଓ ଉଚ୍ଚ ବିଦ୍ୟାଳୟରେ ଥିବା ପ୍ରତିମୂର୍ତ୍ତି ରେ ବଂଶଜ ଅଶୋକ ସୁବାହୁ ସିଂହ ଙ୍କ ସମେତ ଅବସରପ୍ରାପ୍ତ ସୈନିକ ସଂଘର ସମସ୍ତ ସଭ୍ୟ, ବରିଷ୍ଠ ନାଗରିକ, ପୁର୍ବତନ ସାଂସଦ ମହେଶ ସାହୁ,ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ, ପୂର୍ବତନ ପରଜଙ୍ଗ ମହାବିଦ୍ୟାଳୟ ଅଧକ୍ଷ ସନାତନ ସାମଲ, ପୂର୍ବତନ ବ୍ଲକ ଅଧକ୍ଷ ଅକ୍ଷୟ କୁମାର ବେହେରା, ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟତ୍ରୀ ,ଉର୍ଜାଟ୍ରଷ୍ଟ ସଭାପତି ଦିପକ କୁମାର ଗୋଛାୟତ, ବିଜେପି ନେତ୍ରୀ ବନଲତା ମହାନ୍ତି , ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ତଥା ପରଜଙ୍ଗ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ମାଲ୍ୟାର୍ପଣ କରିଥିଲେ। ପରାଧୀନ ଭାରତ ରେ ବୀରତ୍ୱ ଓ ସ୍ୱାଧୀନତା ସଂଗ୍ରାମୀ, ଦେଶଭକ୍ତି କୁ ମନେ ପକାଇ 'ମହେଶ୍ଚନ୍ଦ୍ର ସୂବାହୁ ସିଂହ ଅମର ରହେ ' ସ୍ଲୋଗାନ ଦେଇଥିଲେ।

## ସାପ କାମୁଡ଼ାରେ ଯୁବକ ମୃତ

ବାଲିଚନ୍ଦ୍ରପୁର, (ମହାଭାରତ) : ବାଲିଚନ୍ଦ୍ରପୁର ପୁର ଥାନା ନଳିପୁର ପଂଚାୟତ ବାଉଜଙ୍ଗ ଗ୍ରାମର ଜଣେ ଯୁବକ ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି. ଘଟଣାରୁ ପ୍ରକା ଶ ଯେ ବାଉଜଙ୍ଗ ଗ୍ରାମର ସ୍ୱର୍ଗତ ସେକ ହାଫିଜୁଦିନ ଙ୍କ ପୁଅ ସେକ ଶାହାଜୁଦିନ(୩୮) ଗତ କାଲି ରାତିରେ ନିଜ ଘରେ ଶୋଇଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା,ପରିବାର ଲୋକେ ତାଙ୍କୁ ତୁରନ୍ତ ମାହାଙ୍ଗା ମେଡିକାଲ ଏବଂ ପରେ କଟକ ବଡ ମେଡିକାଲ ନେଇଯାଇଥିଲେ, କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା.ମୃତ ଶାହାଜୁଦିନଙ୍କର ସ୍ତ୍ରୀ ଓ ଦୁଇଟି ଛୋଟ ପୁଅ ଅଛନ୍ତି. ସ୍ଥାନୀୟ ଆର ଆଇ ତାଙ୍କ ଘରକୁ ଆସି ଇନକ୍ୱାରି କରି ଯାଇଛନ୍ତି.ସେ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ, ସରକାରୀ ସହଯୋଗ ଯୋଗାଇଦେବା ପାଇଁ ତାଙ୍କ ପରିବାର ଲୋକେ ପ୍ରଶାସନକୁ ନିବେଦନ କରିଛନ୍ତି. ଆସନ୍ତା କାଲି ମୁସଲିମ ରୀତିନୀତି ଅନୁଯାଇ ତାଙ୍କୁ କବର ଦିଆଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ।

## ଚାରିନଙ୍ଗଳ ବଜାର ବ୍ୟବସାୟୀଙ୍କ ଆତ୍ମହତ୍ୟା

ବାଲିଚନ୍ଦ୍ରପୁର, ୩୧. ୭() ଚାରିନଙ୍ଗଳ ବଜାର ରେ ଦୀର୍ଘ କୋଡ଼ିଏ ବର୍ଷ ରୁ ଉର୍ଦ୍ଧ ହେବ ଚା ଦୋକାନ କରି ଆସୁଥିବା ବାହାଦୁରନଗର ଗ୍ରାମର କୃପାସିନ୍ଧୁ ଦାସ ଓରଫ କୁନିଆ(୫୨) ଙ୍କର ଅକାଳ ବିୟୋଗ ଘଟିଛି। ଖବର ମୁତାବକ କୃପାସିନ୍ଧୁ ନିଜ ଦୋକାନ ରେ ବୁଧୁବାର ସକାଳ ସମୟରେ ଚା ବିକି ସାରି ଦୋକାନ ଆଗରେ ଢ଼ଳାଇ ପକାଇ ଥିଲେ, ମଧ୍ୟାହ୍ନରେ ଘରକୁ ନଆସି ଦୋକାନ ରେ ରହି ଥିଲେ, ଉପରବେଳା ଦୋକାନ ଘର ଭିତରୁ ବନ୍ଦ ଥିବା ପାଖ ଦୋକାନୀ ମାନେ ଦେଖି କବାଟ ବାଡ଼ାଇ ଯେତେ ଡାକିଲେ କେହି ଶୁଣିଲେ ନାହିଁ ପରେ ତାଙ୍କ ଘରକୁ ଖବର ଦେଇଥିଲେ, ଘରଲୋକେ ପହଞ୍ଚି କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ କୃପାସିନ୍ଧୁ ଙ୍କୁ ଦେଖି ବାଲିଚନ୍ଦ୍ରପୁର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇଥିଲେ। ଗୁରୁବାର କୁନିଆ ଙ୍କ ମୃତଦେହ ଗାଆଁ ରେ ପହଁଚିବା ପରେ ଏକ ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଥିଲା, ବନ୍ୟା କାରଣ ରୁ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ କଡରେ ସତ୍କାର କରାଯାଇଥିବା ବେଳେ ସହ ସହ ସଂଖ୍ୟା ରେ ବ୍ୟବସାୟୀ ଓ ବାଟୋଇ ମାନେ ଶେଷ ଶ୍ରଦ୍ଧାଞ୍ଜଳି ଦେଇଥିଲେ, ଏକମାତ୍ର ପୁତ୍ର ଶ୍ରୀରାମ ସେବକ ଦାସ ମୁଖାଗ୍ନି ଦେଇଥିଲେ, ଶୁକ୍ରବାର ତାଙ୍କ ବିୟୋଗରେ ଚାରିନଙ୍ଗଳ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଛି।

# ଖୋର୍ଦ୍ଧା ପୌର ପରିଷଦର ୧୮ ନମ୍ବର ୱାର୍ଡ ତିନିବର୍ଷ ଧରି ବିକାଶ କାର୍ଯ୍ୟରୁ ବଞ୍ଚିତ ; ଅଭିଯୋଗ ଆଣିଲେ ୱାର୍ଡ କାଉନସିଲର ବିଦ୍ୟୁଲତା

## ଚାରି ସପ୍ତାହ ମଧ୍ୟରେ ଆବେଦନର ବିଚାର ପାଇଁ ଜିଲ୍ଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



ଖୋର୍ଦ୍ଧା,(ମହାଭାରତ) : ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ୧୮ ନମ୍ବର ୱାର୍ଡରେ ଗତ ୨୦୨୩ ମସିହା ଠାରୁ ଦୀର୍ଘ ଚାରିବର୍ଷ ଧରି କୌଣସି ବିକାଶମୂଳକ କାର୍ଯ୍ୟ ହୋଇନଥିବା ଅଭିଯୋଗ ସଂପର୍କିତ ମାମଲା ଏବେ ନୂଆ ମୋଡ଼ ନେଇଛି । କାଉନସିଲର ବିଦୁଲତା ସାହୁ ତାଙ୍କ ୱାର୍ଡକୁ ଅଣଦେଖା କରାଯାଉଥିବା ନେଇ ଓଡ଼ିଶା ହାଇକୋର୍ଟରେ ଦାଖଲ କରିଥିବା ରିଟ୍ ପିଟିସନ୍ ? (ଡ.ଚ.(ଉ) ଘକ୍ଟ. ୨୧୭୫୩/ ୨୦୨୬) ଉପରେ ଗତ ୨୯ ଜୁଲାଇ ୨୦୨୬ ତାରିଖରେ ଅଦାଲତ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେବା ପରେ ବିଦୁଲତା ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ କୋର୍ଟ ନିର୍ଦ୍ଦେଶ ପାଳନ ପାଇଁ ଆବେଦନ କରିଛନ୍ତି । କାଉନସିଲର ବିଦୁଲତା ସାହୁଙ୍କ ଅଭିଯୋଗ ମୁତାବକ ୨୦୨୩ ମସିହା ଠାରୁ ତାଙ୍କ ୱାର୍ଡ ପାଇଁ ଗୋଟିଏ ବି ବିକାଶମୂଳକ ପ୍ରକଳ୍ପ ଅନୁମୋଦନ ହୋଇନାହିଁ । ଏହି ପ୍ରସଙ୍ଗରେ ସେ ଅନେକଥର ପୌର ପରିଷଦ ବୈଠକରେ ଆପତ୍ତି ଉଠାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ଦସ୍ତାବେଜ ଅନୁଯାୟୀ, ୧୩ ଜୁନ୍ ୨୦୨୩ରୁ ଆରମ୍ଭ କରି ୨୯ ଡିସେମ୍ବର ୨୦୨୩ ମଧ୍ୟରେ ଏବଂ ୩୦ ଅକ୍ଟୋବର ୨୦୨୪ ଠାରୁ ନେଇ ୨ ମଇ ୨୦୨୫ ଓ ୩୦ ଜୁନ୍ ୨୦୨୬ ସହ ବିଭିନ୍ନ ସମୟରେ ଖୋର୍ଦ୍ଧା ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥଲେ । ଏହା ସହ ୧୩ ଜାନୁଆରୀ ୨୦୨୬ରେ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଇଥିଲେ । ତଥାପି ତାଙ୍କ ୱାର୍ଡ ପାଇଁ କୌଣସି ବିକାଶମୂଳକ କାର୍ଯ୍ୟ ଅନୁମୋଦନ କରାଯାଇନଥିବା ସେ କହିଛନ୍ତି।

ଅଭିଯୋଗ ଅନୁସାରେ, ୧୯ ଜାନୁଆରୀ ୨୦୨୬ରେ ପୌର ପରିଷଦ ବୈଠକରେ ଅନ୍ୟ ୱାର୍ଡଗୁଡ଼ିକ ପାଇଁ ପ୍ରକଳ୍ପ ଅନୁମୋଦନ କରାଯାଇଥିଲେ ମଧ ୧୮ ନମ୍ବର ୱାର୍ଡକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଥିଲା । ପରେ ୨୪ ଏପ୍ରିଲ ୨୦୨୬ରେ ପ୍ରକାଶିତ ୩୫ଟି ବିକାଶ କାର୍ଯ୍ୟର ଇ-ଟେଣ୍ଡର ନୋଟିସ୍ ?ରେ ମଧ ୱାର୍ଡ ନମ୍ବର ୧୮ର କୌଣସି ପ୍ରକଳ୍ପ ସାମିଲ ହୋଇନଥିଲା । ଏହାକୁ ନେଇ ବିଦୁଲତା ଆପତ୍ତି ଉଠାଇବା ପରେ ଟେଣ୍ଡର ବାତିଲ କରା ଯାଇଥିଲା । କିନ୍ତୁ ୨୩ ଜୁନ୍ ୨୦୨୬ରେ ପୁନର୍ବାର ପ୍ରକାଶିତ ଇ-ଟେଣ୍ଡରରେ ମଧ ୱାର୍ଡ ନମ୍ବର ୧୮କୁ ସ୍ଥାନ ମିଳିନଥିବା ଅଭିଯୋଗ ହୋଇଛି । ଏହା ପରେ ବିଦୁଲତା ସାହୁ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇ ୱାର୍ଡ ନମ୍ବର ୧୮ ପାଇଁ ବିକାଶ କାର୍ଯ୍ୟ ଓ ଅର୍ଥ ମଞ୍ଜୁର କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଅଦାଲତଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ୨୯ ଜୁଲାଇ ୨୦୨୬ରେ ମାମଲାର ଶୁଣାଣି କରି ମାନ୍ୟବର ହାଇକୋର୍ଟ ଜିଲ୍ଲା ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଆଇନ ଅନୁଯାୟୀ ଚାରି ସପ୍ତାହ ମଧ୍ୟରେ ଆବେଦନର ବିଚାର କରି ନିଷ୍ପତ୍ତି ନେବା ଏବଂ ପରବର୍ତ୍ତୀ ଦଶ ଦିନ ମଧ୍ୟରେ ସେହି ନିଷ୍ପତ୍ତି ସମ୍ପର୍କରେ ଆବେଦନକାରୀଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକ ହେଲେ ଆବେଦନକାରୀଙ୍କୁ ବ୍ୟକ୍ତିଗତ ଶୁଣାଣିର ସୁଯୋଗ ଦେବାକୁ ମଧ୍ୟ ଅଦାଲତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାକୁ ନେଇ ଖୋର୍ଦ୍ଧା ପୌରପାଳିକାର ବିକାଶ କାର୍ଯ୍ୟବଣ୍ଟନ ପ୍ରକ୍ରିୟା ଉପରେ ପୁଣିଥରେ ପ୍ରଶ୍ନ ଉଠିଥିବା ବେଳେ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ବିଦୁଲତାଙ୍କ ରିଟ୍ ପିଟିସନ ଉପରେ କଣ ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ପାଟଣା ପଂଚାୟତ ସମିତି ପକ୍ଷରୁ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ପଞ୍ଚାୟତ ସମିତି ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ଅବସରରେ ରେ ବୈଠକ ଅନୁଷ୍ଠିତ ହୋଇ ଛି। ବ୍ଲକ ଅଧକ୍ଷା ବୀଣାପାଣି ନାୟକ ଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛି। ଏହି ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ରେ ଅବସରରେ ପାଟଣା ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ, ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ କୁମାର ଦଣ୍ଡପାଟ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ, ଗୋଷ୍ଠୀ ଶିକ୍ଷା ମଣ୍ଡଳ ଅଧିକାରୀ ପୂର୍ଣ୍ଣଚ୍ଚ ଚନ୍ଦ୍ର ଅମାନ୍ତ,ଜିପିଡିଓ ସନ୍ତୋଷ କୁମାର ସବର, ଅଗ୍ନିଶମ ଅଧିକାରୀ ଗୌରମୋହନ ହେମ୍ବ୍ରମ ଙ୍କ ଉପସ୍ଥିତି ଆସନ୍ତା ସ୍ୱାଧୀନତା ଦିବସ ଉପଲକ୍ଷେ ପାଟଣା ଅଞ୍ଚଳ ରେ ସରକାରୀ ବେସରକାରୀ,ଆନୁଷ୍ଠାନ କାର୍ଯ୍ୟଳୟ ଗୁଡିକ ରେ ଜାତୀୟ ପତକା ଉତ୍ତୋଳନ ସମୟ ସକାଳ ୮ଘଟିକା ରଖାଯାଇ ଛି। ଏଥି ସହିତ ପାଟଣା ଷ୍ଟାଡିୟମ୍ ଠାରେ ବ୍ଲକ ସ୍ତରୀୟ ପ୍ୟାରେଟ୍ ପ୍ରତିଯୋଗିତା କାର୍ଯ୍ୟକ୍ରମ ରେ ଜାତୀୟ ପତକା ଉତ୍ତୋଳନ ସମୟ ସକାଳ ୯ଘଟିକା ରଖାଯାଇ ଛି। ଏହି ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ରେ ପାଟଣା ଅଞ୍ଚଳ ର ସରକାରୀ ବେସରକାରୀ ଶିକ୍ଷା ଅନୁଷ୍ଠାନ ସହ ବିଭିନ୍ନ କାର୍ଯ୍ୟାଳୟ ର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତି ଥିଲେ।

## ବନ୍ୟା ସ୍ରୋତରେ ଭାସି ଯାଉଥିବା ବେଳେ ନାବାଳିକାଙ୍କୁ ଉଦ୍ଧାର କଲେ ପାଞ୍ଚ ଯୁବକ



ଆଳି, (ମହାଭାରତ) : କେନ୍ଦ୍ରାପଡ଼ା ଜିଲ୍ଲା ଆଳିଅଞ୍ଚଳରେ ପ୍ରବାହିତ ବ୍ରହ୍ମଣୀ, ଖରସ୍ରୋତା ଓ ଶାଖା କାଣୀନଦୀରେ ପ୍ରବଳ ବନ୍ୟା ଆସିଛି । ନଦୀରେ ବନ୍ୟା ସ୍ରୋତ ଥିବା ବେଳେ ଆଳି ଥାନା ଅନ୍ତର୍ଗତ କଳସପୁର ଗ୍ରାମର ପ୍ରହ୍ଲାଦ ମଳିକଙ୍କ ନାବାଳିକା ଝିଅ ରଞ୍ଜିତା ମଳିକ ଗାଧଉଥିଲେ । ନଦୀରେ ସ୍ରୋତ ପଡିଥିବାରୁ ରଞ୍ଜିତା ନଦୀ ସ୍ରୋତରେ ଭାସି ଯାଇଥିଲେ । ନାବାଳିକା ଭାସିଯିବା ଦେଖି କଳସପୁର ହରିଜନସାହିର ଦୀପକ ମଳିକ, ସୁଜିତ ମଳିକ, ଭୋଳା ମଳିକ, ଚନ୍ଦନ ମଳିକ, ପ୍ରଭାକର ମଳିକ ପ୍ରମୁଖ ପାଞ୍ଚ ଜଣ ଯୁବକ ନଦୀର ପ୍ରଖର ସ୍ରୋତରେ ପହଁରି ପହଁରି ନାବାଳିକାକୁ ଧରି ଥିଲେ । ନାବାଳିକାକୁ ଧରି କୂଳକୁ ଆଣିବାରେ ସକ୍ଷମ ନହେବାରୁ ଗଛକୁ ଧରିବା ସହ ଏକ ଘାସଗଦା ଉପରେ ରହିଥିଲେ । ଖବର ପାଇ କଳସପୁର ସରପଞ୍ଚ ସୁଧୀର ମଳିକଙ୍କ ସମେତ ଗାଁ ଲୋକେ ନଦୀ କୂଳରେ ରୁଣ୍ଡ ହୋଇଯିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ ।ଆଳି ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ସରପଞ୍ଚ ସୁଧୀର ମଳିକ ଙ୍କୁ ସାଥିରେ ନେଇ ବନ୍ୟା ଜଳ ପ୍ରବାହିତ ମଧ୍ୟ ଭାଗରେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ ।

## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ମାଲକାନଗିରି, (ମହାଭାରତ) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଦୀର୍ଘ ଦିନ ଧରି ନିଷ୍ଠାର ସହ ସେବା ଯୋଗାଇ ଆଜି ଅବସର ଗ୍ରହଣ କରିଥିବା ଦୁଇଜଣ ବରିଷ୍ଠ ଅଧିକାରୀଙ୍କ ପାଇଁ ଏକ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ତଥା ଡେପୁଟି କଲେକ୍ଟର ଏନ୍. ଜଗଜୀବନ ଚୌଧୁରୀ ଏବଂ ମାଲକାନଗିରି କଲେକ୍ଟରେଟ୍ର ସେକ୍ସନ ଅଫିସର ବାଣୀ କିଙ୍କର ପଟ୍ଟନାୟକ ଆଜି ସେବାନିବୃତ୍ତ ହୋଇଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାରେ ବିଦାୟୀ ଓଏଏସ ଅଧିକାରୀ ଶ୍ରୀ ଚୌଧୁରୀଙ୍କ ଗୌରବମୟ କାର୍ଯ୍ୟକାଳ ସମ୍ପର୍କରେ ଆଲୋକପାତ କରି ସହଯୋଗୀ ମାନେ ପ୍ରକାଶ କରିଥିଲେ ଯେ, ୧୯୮୯ ମସିହାରୁ ଆରମ୍ଭ ହୋଇଥିବା ଶ୍ରୀ ଚୌଧୁରୀଙ୍କ ଦୀର୍ଘ ସେବାକାଳ ସମସ୍ତଙ୍କ ପାଇଁ ଏକ ପ୍ରେରଣା। ଚିତ୍ରକୋଣ୍ଡା, ଉମରକୋଟ ଓ ନାରାୟଣପାଟଣାର ତହସିଲଦାର ଭାବେ, ନର୍ଲାର ବିଡିଓ ଭାବେ ଏବଂ କୋରାପୁଟ ଓ ମାଲକାନଗିରି କଲେକ୍ଟରେଟ୍ ?ରେ ତାଙ୍କର ଉଲ୍ଲେଖନୀୟ ନେତୃତ୍ୱ ଓ ଜନସେବା ସଦା ସ୍ମରଣୀୟ ହୋଇ ରହିବ। ସେହିପରି ଶ୍ରୀ ପଟ୍ଟନାୟକଙ୍କ ସେବାକାଳକୁ ସ୍ମରଣ କରି ସହଯୋଗୀ ମାନେ କହିଥିଲେ, ୧୯୯୬ ମସିହାରୁ ମାଲକାନଗିରି ଓ କାଳିମେଳା ତହସିଲ ଠାରୁ ଆରମ୍ଭ କରି କୋରୁକୋଣ୍ଡା ଓ ପୋଡ଼ିଆ ବ୍ଲକ ପର୍ଯ୍ୟନ୍ତ ଶ୍ରୀ ପଟ୍ଟନାୟକଙ୍କ ପ୍ରଶାସନିକ ସେବା ଓ ନିଷ୍ଠା ସର୍ବଦା ଅନୁକରଣୀୟ ହୋଇ ରହିବ। ଜଣେ ଦକ୍ଷ ସେକ୍ସନ ଅଫିସର ଭାବେ ତାଙ୍କର ମାର୍ଗଦର୍ଶନ ଏବଂ ସହଯୋଗ ପାଇଁ ଜିଲ୍ଲା ପ୍ରଶାସନ ସଦା ସର୍ବଦା କୃତଜ୍ଞ। ହୋଇ ରହିବ। ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ବିଦାୟୀ ଅଧିକାରୀ ଦ୍ୱୟଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ସୁଖମୟ ଓ ନିରାମୟ ଅବସର ଜୀବନ କାମନା କରିଥିଲେ। ଶେଷରେ ସମସ୍ତ କର୍ମଚାରୀ ସେମାନଙ୍କ ଶୃଙ୍ଖଳିତ କାର୍ଯ୍ୟଶୈଳୀକୁ ମନେପକାଇ ଭାବବିହ୍ୱଳ ବିଦାୟ ଦେଇଥିଲେ।

## ଜିଲ୍ଲାପାଳ ଦିଲିପ ରାଉତ ରାଏ ଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ଧାମନଗର, (ମହାଭାରତ) : ଭଦ୍ରକ ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ଦିଲିପ ରାଉତ ରାଏ ଗତ ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଏନେଇ ଧାମନଗର ବ୍ଲକ ଭଗବାନପୁର ସ୍ଥିତ ମା ବୁର୍ଦ୍ଧି ଜାଗୁଲାଇ ସାଂସ୍କୃତିକ ପରିଷଦର ସଭାପତି ତଥା ଧାମନଗର ବ୍ଲକ। ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ମହାପାତ୍ର ଏବଂ ବରିଷ୍ଠ ସଦସ୍ୟ ପଦ୍ମନାଭ ଶଙ୍ଖୁଆ ଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଭଦ୍ରକ ସ୍ଥିତ ଜିଲ୍ଲାପାଳ ଙ୍କ ବାସଭବନରେ ସାକ୍ଷାତ କରି ଉତ୍ତରିୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସମୟରେ ଜିଲ୍ଲାପାଳ ନିଜ ଘରେ ତିଆରି ହୋଇଥିବା ପୋଡପିଠା ଅତି ଆଦରର ସହ ଖାଇବାକୁ ଦେଇଥିଲେ।ମାତ୍ର ସ୍ୱଳ୍ପ ସମୟ ସୁଖଦୁଃଖ କଥାବାର୍ତ୍ତା ମଧ୍ୟରେ ସାରଙ୍କ ଠୁ ଅନେକ ଉତ୍ତମ ପ୍ରେରଣା ମିଳିଲା ଯାହାକି ଭବିଷ୍ୟତରେ ବ୍ୟକ୍ତିଗତ ସହ ସାମାଜିକ କ୍ଷେତ୍ରରେ ଅନେକ କାର୍ଯ୍ୟରେ ଆସିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

## ପତ୍ରପୁର ସେକ୍ସନ ରେ ବିଜୁଳି ଯୋଗାଣରେ ବ୍ୟାପକ ଅନିୟମିତତା ଓ ଘନ ଘନ ବିଜୁଳି କାଟ ବିରୋଧରେ ଦଶ ପଂଚାୟତ ବିକାଶ ପରିଷଦ ଏବଂ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆନ୍ଦୋଳନ ଚେତାବନୀ



ଆଳି, ୧/୮ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବିଦ୍ୟୁତ ସବଡ଼ିଭିଜନ ଅଧୀନରେ ଥିବା ଆଳି ପତ୍ରପୁର ବିଦ୍ୟୁତ ସେକ୍ସନରେ ବିଜୁଳି ଯୋଗାଣରେ ବ୍ୟାପକ ଅନିୟମିତତା ଏବଂ ଘନ ଘନ ବିଜୁଳି କାଟକୁ ନେଇ ଆଜି ପତ୍ରପୁର ବଜାର ସ୍ଥିତ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ବିଜୁଳି ଉପଭୋକ୍ତା ମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି କ୍ଷ ବିଦ୍ୟୁତ ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ କରାଯିବାକୁ ନେଇ ଚେତାବନୀ ଦିଆଯାଇଛି କ୍ଷ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ପୂର୍ବତନ ସରପଞ୍ଚ ବିପିନ ବିହାରୀ ପରିଡାଙ୍କ ସଂଯୋଜନା ଏବଂ ନାଗରିକ ମଞ୍ଚର ସଭାପତି ପ୍ରାଧ୍ୟାପକ ଦାମୋଦର ରାଉଳଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ କଥିତ ଉପଭୋକ୍ତା ସମିଳନୀରେ ଅଞ୍ଚଳର ବହୁ ଜନପ୍ରତିନିଧି, ସମାଜସେବୀ, ଯୁବ ପିଢ଼ି ଓ ବୁଦ୍ଧିଜୀବିଙ୍କ ସମେତ ଶତାଧିକ ଜନସାଧାରଣ ଯୋଗଦେଇ ବିଜୁଳି ଯୋଗାଣରେ ବିଭାଗୀୟ ଚରମ ଅବହେଳା ଏବଂ ଘନ ଘନ ବିଜୁଳି କାଟ ବିରୋଧରେ ଅସନ୍ତୋଷ ପ୍ରକାଶ କରିଥିଲେ କ୍ଷ ସମସ୍ୟା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗ ପକ୍ଷରୁ ଏଥି ପ୍ରତି ଦୃଷ୍ଟି ଦିଆଯାଉନି କ୍ଷ ଯାହାଫଳରେ ଅଞ୍ଚଳ ବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି କ୍ଷ ଏହି ସମ୍ମିଳନୀରେ ବରିଷ୍ଠ ସମାଜସେବୀ ନକୁଳ ଚରଣ ପରିଡା, ସୁଧୀର ଚନ୍ଦ୍ର ମହାନ୍ତି, ଅଭୟ କୁମାର ସାହୁ, ବ୍ରଜ ସୁନ୍ଦର ଭୂୟାଁ, ଅରୁଣ କୁମାର ରାଉତ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁମନ୍ତ ରାଉତ, ପତ୍ରପୁର ସରପଞ୍ଚ କାନନ ବିହାରୀ ପରିଡା, ପୂର୍ବତନ ସରପଞ୍ଚ ସୁମନ୍ତ ଦାସ, ନୀଳମଣି ସେଠି, ପ୍ରସନ୍ନ ସାହୁ, ପ୍ରଦୋଷ ରାଉତ ,ପ୍ରଫୁଲ୍ଲ ଗେଡି, ବିଶ୍ୱନାଥ ପ୍ରଧାନ, ରଞ୍ଜନ କୁମାର ସାହୁ, ଅଶୋକ ମଳିକ, ଗୋପୀନାଥ ପ୍ରଧାନ, ଭାରତ ଚନ୍ଦ୍ର ସାହୁ, କାର୍ତ୍ତିକ ଚନ୍ଦ୍ର ଦାଶ, ଶରତ କୁମାର ଜେନା, ଜିତେନ୍ଦ୍ର ଦାସ, ସଂଜୀବ ତରାଇ ,କିଶୋର ଭୂୟାଁ ପ୍ରମୁଖ ଯୋଗ ଦେଇ ନିଜର ମତାମତ ରଖିବା ସହିତ ତୁରନ୍ତ ବିଜୁଳି ଯୋଗାଣକୁ ସ୍ୱାଭାବିକ କରିବାକୁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଦାବୀ ଉପସ୍ଥାପନ କରିଥିଲେ କ୍ଷ ଆସନ୍ତା ବୁଧବାର ଦିନ କେନ୍ଦ୍ରାପଡ଼ା ଡିଭିଜନ ମ୍ୟାନେଜରଙ୍କୁ ଭେଟି ଏହି ପ୍ରସଙ୍ଗରେ ଆଲୋଚନା କରିବା ସହିତ ଏକ ଦାବି ପତ୍ର ଦେବାକୁ ଦଶ ପଂଚାୟତ ବିକାଶ ପରିଷଦ ସଭାପତି ବ୍ରଜ ସୁନ୍ଦର ଭୂୟାଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ଗଠନ କରାଗଲା କ୍ଷ କେନ୍ଦ୍ରାପଡ଼ା ଡିଭିଜନ ମ୍ୟାନେଜରଙ୍କୁ ଭେଟି ଆଲୋଚନା କଲାପରେ ଯଦି ନିର୍ଦ୍ଧାରିତ ସମୟ ସୀମା ଭିତରେ ତ୍ରୁଟିଶୁନ୍ୟ ବିଜୁଳି ଯୋଗାଣରେ ବିଜୁଳି ବିଭାଗ ଅବହେଳା ପ୍ରଦର୍ଶନ କରେ ତେବେ ଆଗାମୀ ଦିନରେ ଦଶ ପଂଚାୟତ ବିକାଶ ପରିଷଦ ପକ୍ଷରୁ ବ୍ୟାପକ ଆନ୍ଦୋଳନ ହେବ ବୋଲି ପରିଷଦର ସଭାପତି ବ୍ରଜ ସୁନ୍ଦର ଭୂୟାଁ ଚେତାବନୀ ଦେଇଛନ୍ତି କ୍ଷ



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ସାପ କାମୁଡ଼ାରେ ଯୁବକ ମୃତ

**ବାଲିଚନ୍ଦ୍ରପୁର(ମହାଭାରତ):**ବାଲିଚନ୍ଦ୍ରପୁର ପୁର ଥାନା ନଳିପୁର ପଞ୍ଚାୟତ ବାଉଜଙ୍ଗ ଗ୍ରାମର ଜଣେ ଯୁବକ ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି । ଘଟଣାରୁ ପ୍ରକାଶ ଯେ ବାଉଜଙ୍ଗ ଗ୍ରାମର ସ୍ୱର୍ଗତ ସେକ ହାଫିଜୁଦିନଙ୍କ ପୁଅ ସେକ ଶାହାଜୁଦିନ(୩୮) ଗତକାଲି ରାତିରେ ନିଜ ଘରେ ଶୋଇଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା । ପରିବାର ଲୋକେ ତାଙ୍କୁ ତୁରନ୍ତ ମାହାଙ୍ଗା ମେଡିକାଲ ଏବଂ ପରେ କଟକ ବଡ ମେଡିକାଲ ନେଇଯାଇଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ଖବର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ମୃତ ଶାହାଜୁଦିନଙ୍କର ସ୍ତ୍ରୀ ଓ ଦୁଇଟି ଛୋଟ ପୁଅ ଅଛନ୍ତି । ସ୍ଥାନୀୟ ଆରଆଇ ତାଙ୍କ ଘରକୁ ଆସି ତଦନ୍ତ କରି ଯାଇଛନ୍ତି ।

## ଚରିନଙ୍ଗଳ ବଜାର ବ୍ୟବସାୟୀଙ୍କ ଆତ୍ମହତ୍ୟା

**ବାଲିଚନ୍ଦ୍ରପୁର,(ମହାଭାରତ):**ଚରିନଙ୍ଗଳ ବଜାରରେ ଦୀର୍ଘ କୋଡ଼ିଏ ବର୍ଷରୁ ଊର୍ଦ୍ଧ୍ୱ ହେବ ଚା ଦୋକାନ କରି ଆସୁଥିବା ବାହାଦୁରନଗର ଗ୍ରାମର କୃପାସିନ୍ଧୁ ଦାସ ଓରଫ କୁନିଆ(୫୨) ଙ୍କର ଅକାଳ ବିୟୋଗ ଘଟିଛି । ଖବର ମୁତାବକ କୃପାସିନ୍ଧୁ ନିଜ ଦୋକାନ ରେ ବୁଧବାର ସକାଳ ସମୟରେ ଚା ବିକି ସାରି ଦୋକାନ ଆଗରେ ଢ଼ଳାଇ ପକାଇ ଥିଲେ । ମଧ୍ୟାହ୍ନରେ ଘରକୁ ନଆସି ଦୋକାନ ରେ ରହିଥିଲେ, ଉପରବେଳା ଦୋକାନ ଘର ଭିତରୁ ବନ୍ଦ ଥିବା ପାଖ ଦୋକାନୀ ମାନେ ଦେଖି କବାଟ ବାଡ଼ାଇ ଯେତେ ଡାକିଲେ କେହି ଶୁଣିଲେ ନାହିଁ ପରେ ତାଙ୍କ ଘରକୁ ଖବର ଦେଇଥିଲେ । ଘରଲୋକେ ପହଞ୍ଚି କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ କୃପାସିନ୍ଧୁ ଙ୍କୁ ଦେଖି ବାଲିଚନ୍ଦ୍ରପୁର ପୁଲିସକୁ ଖବର ଦେଇଥିଲେ । ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇଥିଲେ । ଗୁରୁବାର କୁନିଆଙ୍କ ମୃତଦେହ ଗାଆଁରେ ପହଁଚିବା ପରେ ଏକ ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଥିଲା । ବନ୍ୟା କାରଣରୁ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ କଡରେ ସତ୍କାର କରାଯାଇଥିବା ବେଳେ ସହ ସହ ସଂଖ୍ୟାରେ ବ୍ୟବସାୟୀ ଓ ବାଟୋଇ ମାନେ ଶେଷ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଏକମାତ୍ର ପୁତ୍ର ଶ୍ରୀରାମ ସେବକ ଦାସ ମୁଖାଗ୍ନି ଦେଇଥିଲେ, ଶୁକ୍ରବାର ତାଙ୍କ ବିୟୋଗରେ ଚରିନଙ୍ଗଳ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଛି ।

## ପିଡ଼େଲବାଜୁ ଗାଁରେ ହାତୀ ଆତଙ୍କ ଘର ଭାଙ୍ଗିଦେଲେ, ଜଣେ ବୃଦ୍ଧାଙ୍କୁ ଦଳିଚକଟି ମାରିଲେ

ଲାଞ୍ଜିଗଡ (ମହାଭାରତ )କଳାହାଣ୍ଡି ଲାଞ୍ଜିଗଡ ବ୍ଲକ ଉପାନ୍ତ ଅଞ୍ଚଳରେ ପୁଣି ଜଙ୍ଗଲୀ ହାତୀଙ୍କ ଆତଙ୍କ । ବିଶ୍ୱନାଥପୁର ରେଞ୍ଜ ଅଧୀନସ୍ତ କୁମଖାଲ ଗ୍ରାମ ପଞ୍ଚାୟତର ପୀଡେଲବାଜୁ ଗ୍ରାମରେ ରାତିରେ ହାତୀପଲ ପଶି ଘର ଭାଙ୍ଗିବା ସହ ଜଣେ ୬୧ ବର୍ଷୀୟ ବୃଦ୍ଧାଙ୍କ ଜୀବନ ନେଇଛି । ଘଟଣା ପରେ ଗାଁରେ ଶୋକକୁଲ ସହ ଭୟର ପରିବେଶ ସୃଷ୍ଟି ହୋଇଛି । ସୂଚନା ଅନୁସାରେ ଶନିବାର ବିଳମ୍ବିତ ରାତିରେ ହାତୀପଲ ପୀଡେଲବାଜୁ ଗ୍ରାମକୁ ପ୍ରବେଶ କରିଥିଲେ । ଏହି ସମୟରେ ହାତୀ ଘର ଭାଙ୍ଗିବା ଜାଣିପାରି ଘରେ ସୋଇଥିବା ପରିବାରର ପାଞ୍ଚ ଜଣ ମଧ୍ୟରୁ ଚାରିଜଣ ଜୀବନ ବିକଳରେ ଘରୁ ବାହାରି ପାରିଥିଲେ ହେଲେ ପରିତାପର ବିଷୟ ଯେ'ବୃଦ୍ଧା ଘରୁ ବାହାରି ପାରିନ'ଥିଲେ ।ଘର ଭିତରେ ଥିବା ବୃଦ୍ଧାଙ୍କୁ ଆକ୍ରମଣ କରିଥିଲେ ହାତୀପଲ, ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି ।ଘର ନିକଟରେ ମୃତ ଦେହ ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ଦେଖିବାକୁ ମିଳିଛି ।

## ଅନ୍ୱେଷାର ୧୨୭ ତମ ମାଗଣା ହାଟ କାର୍ଯ୍ୟକ୍ରମ

**ରାଉରକେଲା:** ସାମାଜିକ ଅନୁଷ୍ଠାନ ଅନ୍ୱେଷା ତରଫରୁ ୧୨୭ ତମ ମାସିକିଆ ମାଗଣା ହାଟ ୯ନମ୍ବର ୱାର୍ଡ ବାସନ୍ତୀ କଲୋନୀର ଦୁର୍ଗାପୁର ସ୍ଥିତ କୁଷ୍ଠ କଲୋନୀ ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଅନୁଷ୍ଠାନର ଏଭଳି ଅନନ୍ୟ କାର୍ଯ୍ୟକ୍ରମ ପାଇଁ ସାଧୁବାଦ୍ ଦେଇଥିଲେ । ଆଜିର ଏହି ହାଟ କାର୍ଯ୍ୟକ୍ରମରେ ସର୍ବଶ୍ରୀ ବିରଞ୍ଚି ନାରାୟଣ ପଟ୍ଟନାୟକ, ଅର୍ଚ୍ଚନା ସାହୁ,ମୀଲନ କୁମାରୀ ପଣ୍ଡା, ସୁନିଲ ସମ୍ପୁରିଆ, ରଶ୍ମିତା ପଣ୍ଡା, ଧନଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ କଲୋନୀର କିଛି ଅନ୍ତେବାସୀଙ୍କୁ ଛତା ଓ ପୋଷାକ ପତ୍ର ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉକ୍ତ କଲୋନୀର ସଭାପତି ବଂଶୀ ନାଏକ,କୁମ ବିଶ୍ୱାଳ ଓ ନନ୍ଦିନୀ ବରିହା ପ୍ରମୁଖ ଉପସ୍ଥିତ ଥିଲେ ।

## ସୂଚନା ବିଭାଗର ନିକ୍ଷେପକଙ୍କୁ ଅବସର ସମ୍ବର୍ଦ୍ଧନା

**ପୁରୀ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ ପୁରୀରେ କାର୍ଯ୍ୟରତ ନିକ୍ଷେପକ ବା ପ୍ରୋଜେକ୍ସନିଷ୍ଟ ପ୍ରସନ୍ନ କୁମାର ସାହୁ ଆଜି ସରକାରୀ କାର୍ଯ୍ୟ ରୁ ଅବସର ଗ୍ରହଣ କରିଛନ୍ତି ।ଏହି ଅବସରରେ ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଶ୍ରୀ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପୁଷ୍ପଗୁଛ ଓ ଉତ୍ତରୀୟ ଦେଇ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶ୍ରୀ ସାହୁ ବିଭାଗ ପାଇଁ ଡାକବାଜି ବ୍ୟବସ୍ଥା ମାଧ୍ୟମରେ ଅନେକ କାର୍ଯ୍ୟ କରିଛନ୍ତି ବୋଲି କହିଥିଲେ । ସରକାର ଓ ସରକାରୀ ଯୋଜନାର ପ୍ରଚାର,ପ୍ରସାର କ୍ଷେତ୍ରରେ ଶ୍ରୀ ସାହୁ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ସଫଳ ହୋଇଛନ୍ତି ବୋଲି ଶ୍ରୀ ସେଠୀ କହିଥିଲେ । ନିଜ ପ୍ରତିକ୍ରିୟାରେ ଶ୍ରୀ ସାହୁ ବିଭାଗର କାର୍ଯ୍ୟ କୁ ସେ ନିଷ୍ଠା ଓ ଆନ୍ତରିକ ଭାବେ କରିଛନ୍ତି ଓ ନିଜ କାର୍ଯ୍ୟରେ ଆତ୍ମତୃପ୍ତି ପାଇଛନ୍ତି ବୋଲି କହିଥିଲେ ।ଏହି ସମ୍ବର୍ଦ୍ଧନାରେ ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ ସେନାପତି, ଗ୍ରନ୍ଥାଗାରିକ ମିନତୀ ଦାସ, ଭଣ୍ଡାର ରକ୍ଷକ ରବୀନ୍ଦ୍ର କୁମାର ଦାସ, ବରିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର କୁମାର ସ୍ୱାଇଁ,ପ୍ରାକ୍ତନ ଏଆଇଓ ରାଜେନ୍ଦ୍ର କୁମାର ପାତ୍ର,ପ୍ରାକ୍ତନ କର୍ମଚାରୀ ପ୍ରଦୀପ୍ତ କୁମାର ପଟ୍ଟନାୟକ, କର୍ମଚାରୀ ସୁବ୍ରତ କୁମାର ସାହୁ, ପ୍ରଦୀପ କୁମାର ଲେଙ୍କା,ଲକ୍ଷ୍ମୀଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁଭଦ୍ରା ଙ୍କ ଦାରୁପୀଠ ରେ ନିର୍ମାଣ ହେବ ତୋରଣ

ଅସ୍ତରଙ୍ଗ (ମହାଭାରତ): ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅଧୀନସ୍ଥ ମାଳଦା ଗ୍ରାମଠାରେ ମାଆ ସୁଭଦ୍ରାଙ୍କ ପବିତ୍ର ଦାରୁ ପୀଠର ସ୍ମୃତିକୁ ଅକ୍ଷୁଣ୍ଣ ରଖିବା ପାଇଁ ଏକ ସ୍ମାରକୀ ତୋରଣ ନିର୍ମାଣ ନିମନ୍ତେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି । ଏଠାରେ ସୂଚନା ଥାଉ କି ୧୯୯୬ ମସିହାରେ ନବକଳେବର ସମୟରେ ଏହି ମାଳଦା ଗ୍ରାମରୁ ହିଁ ଦେବୀ ସୁଭଦ୍ରାଙ୍କ ପବିତ୍ର 'ଦାରୁ' ସଂଗ୍ରହ କରାଯାଇଥିଲା । ଏହି ଐତିହ୍ୟକୁ ସମ୍ମାନ ଜଣାଇ ଗ୍ରାମର ପ୍ରବେଶ ପଥରେ ଏକ ଆଧ୍ୟାତ୍ମିକ ତୋରଣ ନିର୍ମାଣ କରିବା ପାଇଁ ସ୍ଥାନୀୟ ଯୁବ ସମାଜସେବୀ ଅମୀୟ ରଞ୍ଜନ ବାରିକ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ନିକଟରେ ନିବେଦନ କରିଥିଲେ, ଏହି ପ୍ରସ୍ତାବକୁ ପର୍ଯ୍ୟଟନ ବିଭାଗ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଜରୁରୀ ସମୀକ୍ଷା ଆଧାରରେ ପର୍ଯ୍ୟଟନ ବିଭାଗର ଶାସନ ଉପ-ସଚିବ, ପୁରୀ ଜିଲ୍ଲାପାଳଙ୍କୁ ଏହି ସ୍ଥାନର କ୍ଷେତ୍ର ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ବଢୁଛି ପାଣି, ବଢୁଛି ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା

## ଦୁର୍ବଳ ନଦୀ ବନ୍ଧକୁ ବାଲି ବସ୍ତା ଭରଷା



**ଆଳି,(ମହାଭାରାତ) :**ଆଳି ବ୍ଲକରେ ପ୍ରବାହିତ ଖରସ୍ରୋତା, ବ୍ରାହ୍ମଣୀ ଓ କାଣୀ ନଦୀରେ ଜଳସ୍ତର ଧିରେ ଧିରେ ବୃଦ୍ଧି ପାଇବାରେ ଲାଗିଛି । ନଦୀଜଳ ଯେଉଁ ପରିମାଣର ବଢୁଛି ଲୋକମାନଙ୍କ ଦୁର୍ଦ୍ଦଶା ସେତିକି ସେତିକି ବଢ଼ି ଚାଲିଛି । ଆଳି ଧୋୟାଞ୍ଚଳର ଦଶ ପଞ୍ଚାୟତର ମୁଖ୍ୟରାସ୍ତା ଏବେ ସମ୍ପୂର୍ଣ୍ଣ ଭାବେ ବୁଡି ଯାଇଛି । ଲୋକମାନେ ଡଙ୍ଗାରେ ଯାତାୟାତ କରୁଛନ୍ତି । ଧୋୟାଞ୍ଚଳର ପେତପଡା, ସଂସିଧା, ଡ଼ିମିରିପାଳ, ଅରଗଳ, ଜୁଆଣିଆ, ଗୋବିନ୍ଦପୁର, ଏରଡ଼ଙ୍ଗ, ପାଳିମି, କେତୁଆପାଳ, ଦେସାହି ପଞ୍ଚାୟତର ପଚାଶ ହଜାର ଲୋକ ଏବେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ସେମାନଙ୍କ ପାଇଁ ଏବେ ମୁଖ୍ୟ ସମସ୍ୟା ପାଲଟିଛି ପିଇବା ପାଣି । ତିନିଦିନ ହେବ ବନ୍ୟା ଘେରରେ ଥିବାରୁ ପାଣି ପାଉନାହାନ୍ତି । ଅନେକ କିଣାପାଣି ବ୍ୟବହାର କରୁଥିବା ବେଳେ ଦିନ ମଜୁରୀ କାର୍ଯ୍ୟ କରୁଥିବା ଲୋକମାନେ ବନ୍ୟା ପାଣିକୁ ଫୁଟାଇ ବ୍ୟବହାର କରୁଛନ୍ତି । ଗାଁ ଗାଁ ରେ ଥିବା ନଳକୂଅ ସହିତ ପାଣି ଟାଙ୍କି ଗୁଡିକ ବୁଡି ଯାଇଥିବାରୁ ଲୋକମାନଙ୍କ ମଧ୍ୟରେ ପାଣି ପାଇଁ ହା ହା କାର ପଡିଗଲାଣି । ଅନେକ କଚ୍ଚା ଘର ଏବେ ବନ୍ୟା ପାଣିରେ ବୁଡି ରହିଥିବା ବେଳେ ଅନେକ ଘରର କାନ୍ଥ ଭୁଶୁଡି ଗଲାଣି ।ଘର ଚାରୀ ପାଖରେ ବନ୍ୟା ପାଣି ଥିବରୁ ବିଷଧର ସାପ ସହିତ ମାଳମାଳ କୁମ୍ଭୀର ବୁଲୁଛନ୍ତି । ଯାହାକି ବନ୍ୟା ବିପନ୍ନଙ୍କ ଦୁଃଖର କାରଣ ପାଲଟିଛି । ଅପର ପକ୍ଷେ ଆଳି ବ୍ଲକକୁ ଚତୁଃ ପାର୍ଶ୍ୱରୁ ଘେରି ରହିଥିବା ନଦୀ ବନ୍ଧର ବିଭିନ୍ନ ସ୍ଥାନ ଦୁର୍ବଳ ଥିବା ବେଳେ ଏବେ ଜଳସମ୍ପଦ ବିଭାଗ ବୁଲି ବୁଲି ବାଲିବସ୍ତା ପକାଉଛି । ବନ୍ୟା ପୂର୍ବରୁ ଜଳସମ୍ପଦ ବିଭାଗର ଯନ୍ତ୍ରୀ ମାନେ ବନ୍ଧ ମରାମତି ହେଉ ଅବା ନବୀକରଣ ସମୟରେ ନଦୀବନ୍ଧ କଡ଼ରୁ ମାଟି ତଡା ହେଉଥିବା ବେଳେ ଏହା ଉପରେ କୋଣସି କାର୍ଯ୍ୟାନୁଷ୍ଠାନ ନେଇନଥାନ୍ତି । ଏବେ ଯେଉଁ ସ୍ଥାନରେ ବନ୍ଧରୁ ପାଣି ଝରୁଥିବା ଖବର ପାଉଛନ୍ତି ତରବରିଆ ଭାବେ ସେଠାକୁ ଧାଇଁ ବାଲିବସ୍ତା ପକାଇ ଦେଇ କାମ ସାରି ଦେଉଛନ୍ତି । ଅପର ପକ୍ଷରେ ଦୁର୍ବଳ ନଦୀ ବନ୍ଧକୁ ନେଇ ଆତଙ୍କିତ ଅବସ୍ଥାରେ ଆଳି ଅଞ୍ଚଳର ନଦୀକୁଳିଆ ବାସିନ୍ଦା ।

## ଶିକ୍ଷା ଓ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ଗଣଶିକ୍ଷା ସଚିବ

**ମାଲକାନଗିରି,(ମହଭାରତ)::**ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ତଥା ଜିଲ୍ଲା ପ୍ରଭାରୀ ଅଧିକାରୀ ଏନ୍. ତିରୁମାଲା ନାଏକ୍ ଆଜିଠାରୁ ମାଲକାନଗିରି ଜିଲ୍ଲାକୁ ଦୁଇ ଦିନିଆ ସରକାରୀ ଗସ୍ତ କରିଛନ୍ତି । ଜିଲ୍ଲାରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ଏବଂ ବିଭିନ୍ନ ଜନକଲ୍ୟାଣକାରୀ ସରକାରୀ ଯୋଜନାର କାର୍ଯ୍ୟକାରିତା ଅନୁଧ୍ୟାନ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଅଟେ ।ଗସ୍ତର ପ୍ରଥମ ଦିନରେ ସଚିବ ଶ୍ରୀ ନାଏକ୍ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ବଡ଼ବେଲ ବାଳିକା ଉଚ୍ଚ ବିଦ୍ୟାଳୟ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ଖଇରପୁଟର ମୁଣ୍ଡିଗୁଡା ଉଚ୍ଚ ବିଦ୍ୟାଳୟ ଏବଂ ଚିତ୍ରକୋଣ୍ଡାସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆଦି ଅଞ୍ଚଳ ଗସ୍ତ କରି ବିଭିନ୍ନ ଚାଲୁ ରହିଥିବା ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି । ସେ କହିଛନ୍ତି ଯେ ଜିଲ୍ଲାର ପ୍ରତ୍ୟେକ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଏବଂ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିକୁ ସଦୃଢ଼ କରିବା ଆମର ପ୍ରାଥମିକତା । ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ଦ୍ୱାରା ହିଁ ମାଲକାନଗିରିର ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଅଣାଯାଇପାରିବ ।ଏହା ସହିତ ସେ ଜିଲ୍ଲାର ପିଏମ୍ ଶ୍ରୀ ବିଦ୍ୟାଳୟ, ଗ୍ରାମୀଣ ଆବାସ ଯୋଜନା ଓ ସ୍ୱଚ୍ଛ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତଦାରଖ କରିଥିଲେ । ପରିଦର୍ଶନ ସମୟରେ ସେ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ସହ ସହଜ ଓ ସରଳ ଭାବେ ମିଶିବା ସହ ସେମାନଙ୍କ ସହିତ ବସି ମଧ୍ୟାହ୍ନ ଭୋଜନ କରିଥିଲେ । ଯାହା



ପିଲାମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଛି ।ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ସଚିବଙ୍କ ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ, ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ହଳଧର ଶବର, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ଏବଂ ସମ୍ପୃକ୍ତ ଅଞ୍ଚଳର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ସାମିଲ ହୋଇ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଥିଲେ ।ଜିଲ୍ଲାରେ ଶିକ୍ଷାର ବିକାଶ ଓ ଚାଲୁ ରହିଥିବା ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସଚିବ ଶ୍ରୀ ନାଏକ୍ ଆସନ୍ତାକାଲି ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକ କରିବେ । ଏହି ବୈଠକରେ ଜିଲ୍ଲାର ବିକାଶ ପାଇଁ ସେ କେତେକ ଗୁରୁତ୍ୱପୂର୍ଣ୍ଣ ଓ ଆବଶ୍ୟକୀୟ ନିର୍ଦ୍ଦେଶ ଦେବାର କାର୍ଯ୍ୟକ୍ରମ ରହିଛି ।

## ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁ ନନ୍ଦନ ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଆସିକା(ମହାଭାରତ) :**ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତପାଢ଼ୀଙ୍କ ପୌରହିତ୍ୟରେ ଏବଂ ସି ଆର ସି ସି ଓ ଗୋଷ୍ଠୀ ଶିକ୍ଷାଧିକାରୀ କର୍ମଚାରୀ ସଂଘ ତରଫରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁ ନନ୍ଦନ ପଣ୍ଡା ପାଇଁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଯାଇଛି । ସଭାର ପ୍ରଥମାର୍ଦ୍ଧରେ ନୂତନ ରୂପେ ଦାୟିତ୍ୱ ନିର୍ବାହ କରିଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ କର୍ମଚାରୀ ସଂଘ ତରଫରୁ ଆନୁଷ୍ଠାନିକ ରୂପେ ସ୍ୱାଗତ କରାଯାଇଥିଲା । ଏହି ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭଞ୍ଜ ବେହେରା ସ୍ୱାଗତ ଭାଷଣ ସହ ସମସ୍ତ ଅତିଥିଙ୍କୁ ମଞ୍ଚାସୀନ ତଥା ପରିଚୟ ପ୍ରଦାନ କରିଥିଲେ ।ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ମୁନ ରାଣୀ ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶିବରାମ ବେହେରା, ମୁଖ୍ୟ କିରାଣୀ ଶ୍ରୀନିବାସ ପାତ୍ର,ଚିନ୍ମୟ ପ୍ରଧାନ, ସୋମନାଥ ପ୍ରଧାନ, ଶ୍ରୀନିବାସ ପାତ୍ର, ଅନିଲ କୁମାର ଜେନା, ମନୋଜ କୁମାର ବେହେରା ସେବା ନିବୃତ୍ତି ହେବାକୁ ଯାଉଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁ ନନ୍ଦନ ପଣ୍ଡା ଙ୍କୁ ଜଣେ ଅମାୟିକ,ସ୍ୱଳ୍ପଭାଷି,ପରିଶ୍ରମୀ, ବ୍ୟବହାରକୁଶଳୀ,ଦାୟିତ୍ୱବାନ, କାର୍ଯ୍ୟକୁଶଳୀରୂପେ ବର୍ଣ୍ଣନା କରିଥିଲେ ଏବଂ ତାଙ୍କର ଦୀର୍ଘ ଜୀବନର ଅତି ସୁନ୍ଦର କାର୍ଯ୍ୟ ପ୍ରଣାଳୀକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ଏବଂ ତାଙ୍କର ଅବଶିଷ୍ଟ ଜୀବନକୁ ପୁଷ୍ପିତ, ସ୍ୱାଚ୍ଛନ୍ଦ୍ୟ ଏବଂ ନିରାମୟ କରିବା ପାଇଁ ପ୍ରଭୁ ଜଗନ୍ନାଥ ନିକଟରେ ପ୍ରାର୍ଥନା କରିଥିଲେ । ଅବସରକାଳୀନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କୁ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ କୁମାର ପାଢ଼ୀ କରକମଳରେ ଉପଢୌକନ, ମାନପତ୍ର, ସହ ଉପହାର ପ୍ରଦାନ କରାଯାଇଥିଲା ।

## ପେଣ୍ଡ୍ରାଣୀ ମାଆଙ୍କ ଯାତ୍ରା ପାଇଁ ମଙ୍ଗଳା ମନ୍ଦିରରେ ପହଞ୍ଚିଲା ନିମନ୍ତ୍ରଣ ଲାଠି ଓ ବିମାନ



ଉମରକୋଟ (ମହାଭାରତ) ଉମରକୋଟର ଅଧିଷ୍ଠାତ୍ରୀ ଦେବୀ ମାଆ ପେଣ୍ଡ୍ରାଣୀଙ୍କ ବାର୍ଷିକ ଯାତ୍ରା ଅବସରରେ ପରମ୍ପରା ଅନୁଯାୟୀ ଶନିବାର ମାଆଙ୍କ ନିମନ୍ତ୍ରଣ ଲାଠି ମଙ୍ଗଳା ମାଆଙ୍କ ମନ୍ଦିରରେ ପହଞ୍ଚିଛି । ଆସନ୍ତା ରବିବାରଠାରୁ ଆରମ୍ଭ ହେବାକୁ ଥିବା ଏହି ପ୍ରସିଦ୍ଧ ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହେବେ ।ପରମ୍ପରା ଅନୁସାରେ ପେଣ୍ଡ୍ରାଣୀ ମାଆଙ୍କ ମୁଖ୍ୟ ସେବକ ଓ ଅନ୍ୟ ସେବାୟତମାନେ ମନ୍ଦିରରୁ ନିମନ୍ତ୍ରଣ ଲାଠି ନେଇ ଶୋଭାଯାତ୍ରାରେ ମଙ୍ଗଳା ମାଆଙ୍କ ମନ୍ଦିରକୁ ପହଞ୍ଚିଥିଲେ ।ସେଠାରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ମଙ୍ଗଳା ମାଆଙ୍କୁ ପେଣ୍ଡ୍ରାଣୀ ମାଆଙ୍କ ଯାତ୍ରାରେ ସାମିଲ ହେବା ପାଇଁ ଆନୁଷ୍ଠାନିକ ନିମନ୍ତ୍ରଣ ପ୍ରଦାନ କରାଯାଇଥିଲା ।ପୂଜା ସମାପନ ପରେ ଆଜ୍ଞାମାଳ ଗ୍ରହଣ କରି ମଙ୍ଗଳା ମାଆଙ୍କ ବିମାନ ସହ ପୂଜାରୀ ଓ ସେବାୟତମାନେ ପରମ୍ପରା ଅନୁଯାୟୀ ବାହୁଡ଼ିଥିଲେ ।

## ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗଜପତଇ(ମହାଭାରତ): ଗୋଷାଣି ବ୍ଲକର ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ ଯୋଗଦେଇଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କୁମାରୀ ଜେନା, ବ୍ଲକ ଫାଇନାନ୍ସ ଅଫିସର ଗଜେନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବ୍ଲକର ସମସ୍ତ କର୍ମଚାରୀଙ୍କ ସମେତ ଜନପ୍ରତିନିଧି, ପିଇଓ ମାନେ ଉପସ୍ଥିତଥିଲେ । ଶ୍ରୀ ପାତ୍ର ବିଗତ ଦୁଇ ବର୍ଷ ଧରି ଗୋଷାଣି ବ୍ଲକର ଉନ୍ନତିକରଣ ପାଇଁ ବହୁ କାର୍ଯ୍ୟ ନିଷ୍ଠାର ସହ ତୁଲାଇଛନ୍ତି ।

## ଗଣିଆ ଥାନାରେ 'ଆମ ପୋଲିସ ସମିତି' ବୈଠକ

**ଗଣିଆ,(ମହାଭାରତ):** ଗଣିଆ ଥାନା ପରିସରରେ 'ଆମ ପୋଲିସ ସମିତି' କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ଟଙ୍କଧର ଛତ୍ରିଆଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ବୈଠକ ଆରମ୍ଭ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ ଏବଂ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା ।ଏହି ବୈଠକରେ ଏସ.ଆଇ. ଶ୍ୟାମସୁନ୍ଦର ପ୍ରଧାନ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଶ କୁମାର ମିଶ୍ର,ଗଣିଆ ସମିତି ସଭ୍ୟ ଫକୀର ମୋହନ ଡାକୁଆ, ନାରୀ ନେତ୍ରୀ ରଞ୍ଜୁଲତା ପଣ୍ଡା, ଛାମୁଣ୍ଡିଆ ସରପଞ୍ଚ ପ୍ରତିନିଧି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ବେହେରା ଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବୁଦ୍ଧିଜୀବୀ ଓ ସାମ୍ବାଦିକ ଯୋଗଦେଇ ନିଜ ନିଜର ମତାମତ ପ୍ରଦାନ କରିଥିଲେ । ପୋଲିସ ଓ ସାଧାରଣ ଜନତାଙ୍କ ମିଳିତ ସହଯୋଗ ଦ୍ୱାରା ସମାଜରେ ଶାନ୍ତି ପରିବେଶ ବଜାୟ ରଖାଯାଇପାରିବ ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

# ଦରଗୁଡିଶିଳା ନେଚର କ୍ୟାମ୍ପ ବନ୍ୟାପାଣିରେ କ୍ଷତିଗ୍ରସ୍ତ

## ଭୁଲ୍ ସ୍ଥାନ ନିରୂପଣ ଧୋଇଯିବାର ପ୍ରମୁଖ କାରଣ



**କେନ୍ଦୁଝର:** ବୈତରଣୀ ନଦୀ କୂଳରେ ବନ ବିଭାଗ ସଠିକ୍ ସ୍ଥାନରେ ନେଚର କ୍ୟାମ୍ପ ନିର୍ମାଣ କରି ନ ଥିବାରୁ ବର୍ଷର ପ୍ରଥମ ବନ୍ୟା ପାଣିରେ ନେଚର କ୍ୟାମ୍ପ ଧୋଇଯିବା ଘଟଣା ଚର୍ଚ୍ଚାର ହୋଇଛି । ଫଳରେ ବ୍ୟବହାର ନ ହେଉନୁ ଲକ୍ଷ ଲକ୍ଷ ଟଙ୍କା କ୍ଷତି ପ୍ରକୃତି ପ୍ରେମୀଙ୍କୁ ବ୍ୟଥିତ କରିଛି । ଏହି କ୍ଷତି କାହାଠାରୁ ଭରଣା ହେବ ତାହା ଏବେ ଆଲୋଚ୍ୟର ବିଷୟ ହୋଇଛି । ପ୍ରକାଶ ଯେ ଘଟଗାଁ ରେଞ୍ଜ ଅନ୍ତର୍ଗତ ଦରଗଡି ଶିଳା ଦେଇ ବୋହି ଯାଉଥିବା ବୈତରଣୀ ନଦୀ ଓ ଏହାର ଚାରିପାଖର ପରିବେଶ କିଛି ବର୍ଷ ହେଲା ପ୍ରକୃତି ପ୍ରେମୀ ମାନଙ୍କ ନିମନ୍ତେ ସ୍ୱର୍ଗ ଠାରୁ କମ ନଥିଲା । ଏହାକୁ ଆଖି ଆଗରେ ରଖି ଅଟେଇ ସଂରକ୍ଷିତ ଜଙ୍ଗଲ ପରିବେଶରେ ପର୍ଯ୍ୟଟକ ମାନେ ରହି ସୌନ୍ଦର୍ଯ୍ୟମୟ ପରିବେଶ କୁ ବୁଲି ଦେଖିବା ପାଇଁ ଏକ ନେଚର କ୍ୟାମ୍ପ ନିର୍ମାଣ ଆରମ୍ଭ କରାଯାଇଛି । ବନ ବିଭାଗ ପକ୍ଷରୁ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗରେ ଦରଗୁଡ଼ିଶୀଳା ଠାରେ ବୈତରଣୀ ନଦୀ ପଠା ନିକଟରେ ୫ ଟି ସୁନ୍ଦର କଟେଜ କାମ କରାଯାଉଥିଲା । ମାତ୍ର କାମ ନିମ୍ନ ମାନର ହେଉ କିମ୍ବା ସ୍ଥାନ ନିରୂପଣ ରେ ତ୍ରୁଟି କାରଣରୁ ଗତ ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀ ରେ ଆସିଥିବା ବଢ଼ି ପାଣିରେ ଧୋଇ କ୍ଷତିଗ୍ରସ୍ତ ହୋଇଛି । ଫଳରେ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଛି । ଏଠାରେ ସୂଚନାଯୋଗ୍ୟ ଯେ, ଇକୋ ଟୁରିଜିମ ବଜେଟରେ ଅଟେଇ ସଂରକ୍ଷିତ ଜଙ୍ଗଲ ବୈତରଣୀ ନଦୀ ତଟରେ ଚଳିତ ବର୍ଷ ଏହି କଟେଜ ଗୁଡିକର ନିର୍ମାଣ କାମ ଆରମ୍ଭ ହୋଇଥିଲା । ପର୍ଯ୍ୟଟକଙ୍କ ପାଇଁ ୫ ଟି କଟେଜ କରାଯାଉଥିଲା । ପର୍ଯ୍ୟଟକ ଏଠାରେ ରହି ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ଏହି କାମ ନଭେମ୍ବର ମାସ ପୂର୍ବରୁ ସରିବାର ଥିଲା । ତେବେ ସଠିକ୍ ସ୍ଥାନରେ ଏହାର ନିର୍ମାଣ ନ କରାଯାଇ ନଦୀ ତଟରେ କରାଯାଇଥିବାରୁ ଏଭଳି ପରିସ୍ଥିତି ଘଟିଛି ବୋଲି ଆଲୋଚନା ହେଉଛି ।ବର୍ତ୍ତମାନ ପରିସ୍ଥିତିରୁ ଅନୁମେୟ ଯେ ନେଚର କ୍ୟାମ୍ପ ଯେଉଁ ନଦୀ ତଟରେ କରାଯାଉଥିଲା ତାହା ହୁଏତ ଆଗାମି ଦିନରେ ପର୍ଯ୍ୟଟକଙ୍କ ପାଇଁ ବିପଦ ସୃଷ୍ଟି କରିଥାନ୍ତା । କାମ ନସରୁଣୁ ପର୍ଯ୍ୟଟନ ଋତୁ ପୂର୍ବରୁ ନେଚର କ୍ୟାମ୍ପ ନଦୀ ବଢିରେ ଭାଙ୍ଗିଯିବା ଘଟଣା ପର୍ଯ୍ୟଟକଙ୍କୁ ନିରାଶ କରିଛି । ସ୍ଥାନ ନିରୂପଣରେ ତ୍ରୁଟି ଯୋଗୁଁ ସରକାରୀ ଅର୍ଥ ନଷ୍ଟ ହୋଇଛି ବୋଲି ମତପ୍ରକାଶ ପାଇଛି । ଏଥି ନିମନ୍ତେ ସ୍ଥାନ ନିରୂପଣ କରିଥିବା ଅଧିକାରୀ ଦାୟୀ ନା ଠିକାଦାରଙ୍କୁ ଦାୟୀ କରାଯିବ । ଯାହାଙ୍କ ଭୁଲ ନିଷ୍ପତ୍ତି ଯୋଗୁଁ ନେଚର କ୍ୟାମ୍ପ କ୍ଷତିଗ୍ରସ୍ତ ହେଲା ତାଙ୍କ ଠାରୁ କ୍ଷତିଗ୍ରସ୍ତ ଅର୍ଥରାଶି ଆଦାୟ ହେବା ଉଚିତ ବୋଲି ପର୍ଯ୍ୟଟକ ମତ ଦେଉଛନ୍ତି ।



# ଜୀବନଚର୍ଯ୍ୟା





## ବ୍ରେଡ କଷ୍ଟାଡ



**ଆବଶ୍ୟକ ସାମଗ୍ରୀ:** କ୍ଷୀର-୧ ଲିଟର, କଷ୍ଟାଡ ପାଉଡର-୩ ଚାମଚ, ଚିନି- ହାଫ କପ୍, ବ୍ରେଡ-୮ ପିସ୍, ସାମାନ୍ୟ ବଟର, ଆବଶ୍ୟକ ଅନୁଯାୟୀ ଡ୍ରାଏ ଫ୍ରୁଟସ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଗ୍ୟାସରେ ଏକ କରେଇ ବସାଇ ୧ ଲିଟର କ୍ଷୀର ଢାଳନ୍ତୁ। କ୍ଷୀର ସାମାନ୍ୟ ଉଷୁମ ହେବା ପରେ ଏକ ପାତ୍ରରେ ୨ରୁ ୩ ଚାମଚ କଷ୍ଟାଡ ପାଉଡର ନେଇ କିଛି କ୍ଷୀର ମିଶାନ୍ତୁ। ଏହାପରେ ସବୁ ମିଶ୍ରଣକୁ କରେଇରେ ଢାଳି ଆସ୍ତେ ଆସ୍ତେ ଗୋଳାନ୍ତୁ। ଏହା ବହଳିଆ ହୋଇଯିବା ପରେ ହାଫ କପ୍ ଚିନି ମିଶାନ୍ତୁ। ଏହା ଫୁଟିବା ଆରମ୍ଭ କରିବା ମାତ୍ରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏହାପରେ ଏହି ମିଶ୍ରଣକୁ ଅନ୍ୟ ଏକ ପାତ୍ରରେ ବାହାର କରି ଦିଅନ୍ତୁ। ଏହାପରେ ଏହାକୁ ଘୋଡ଼ାଇ ୪ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ୮ ପିସ୍ ବ୍ରେଡ ନେଇ ତାହାକୁ ଛୋଟ ଛୋଟ ଖଣ୍ଡ କରି ଦିଅନ୍ତୁ। ଏହାପରେ ଗ୍ୟାସ୍ ଉପରେ ଏକ ପ୍ୟାନ୍ ବସାଇ ବଟର ଦିଅନ୍ତୁ। ସେଥିରେ ବ୍ରେଡ ପକାଇ ହାଲକା ବ୍ରାଉନ ହେବା ପର୍ଯ୍ୟନ୍ତ ଫ୍ରାଏ କରି ଦିଅନ୍ତୁ। ଏହାପରେ ଫ୍ରିଜରୁ କଷ୍ଟାଡକୁ ବାହାର କରି ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏହାପରେ ସେଥିରେ କଟା କାଜୁ, ପିସ୍ତା, ବାଦାମ, କିସମିସ, କିଛି ଖଜୁରୀ ମିଶାଇ ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ତଳେ ବ୍ରେଡ ପିସକୁ ରଖନ୍ତୁ। ତା ଉପରେ କଷ୍ଟାର୍ଡ ଲେୟର ଦିଅନ୍ତୁ। ଏହାଉପରେ କିଛି ଡ୍ରାଏ ଫ୍ରୁଟ ପକାଇ ସଜାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ବ୍ରେଡ କଷ୍ଟାଡ।

## ଖବର

# ଅଧରାତିରେ ସଂଜୟ ଦତ୍ତଙ୍କ ପାଖରେ ପହଞ୍ଚିଲେ ସଲମାନ, ହେଲେ ଭାବୁକ

ବଲିଉଡ ସୁପରଷ୍ଟାର ସଲମାନ ଖାନ ସୋସିଆଲ ମିଡିଆରେ ସବୁବେଳେ ସୁପର ଆକ୍ଟିଭ ଥାଆନ୍ତି । ସଲମାନ ନିଜର ପୋଷ୍ଟ ଜରିଆରେ ଫ୍ୟାନ୍ସଙ୍କ ଧ୍ୟାନ ଆକର୍ଷଣ କରିଥାନ୍ତି । ସଲମାନ ସୋସିଆଲ ମିଡିଆରେ ନୂଆ ପୋଷ୍ଟ ସେୟାର କରିଛନ୍ତି । ଦବଙ୍ଗ ଖାନ ଶୁକ୍ରବାର ବିଳମ୍ବିତ ରାତିରେ ସ୍ପେଶାଲ ଲୋକଙ୍କ ସହିତ ଫଟୋ ସେୟାର କରିଛନ୍ତି, ଯେଉଁଥିରେ ସେ ବଡ଼ ଭାଇ ବୋଲି କହିଛନ୍ତି । ସଲମାନ ଖାନ ଇନଷ୍ଟାଗ୍ରାମରେ ସଂଜୟ ଦତ୍ତଙ୍କ ସହିତ ଏକ ଫଟୋ ସେୟାର କରିଛନ୍ତି । ଦୁହେଁ କଳା ରଙ୍ଗର ଆଉଟ୍ ଫିଟରେ ନଜର ଆସିଛନ୍ତି । ଦୁହେଁ ପରସ୍ପରକୁ ଆଲିଙ୍ଗନ



କରିଥିବା ମଧ୍ୟ ନଜର ଆସିଛନ୍ତି । ଏହାର କ୍ୟାପସନରେ ସଲମାନ ଲେଖିଛନ୍ତି, ବାବା ଫରଏଭର ବାବ ଏବଂ ବାବା, ବାବା କେବଳ ଜଣେ । ସଂଜୁ ବାବା ହେଉଛନ୍ତି ଆମ ସମସ୍ତଙ୍କ ବାବା ଏବଂ ସଂଜୁ ବାବା ଏବେ ନିଜ ପିଲାଙ୍କ ବାବା, ମୋର ବଡ଼ ଭାଇ ସଂଜୟ ଦତ୍ତ, ଅଲ୍ଲା, ଭଗବାନ, ଜିସସ ସମସ୍ତଙ୍କୁ ଖୁସିରେ ରଖନ୍ତୁ । ଆଇ ଲଭ୍ ୟୁ ବାବା । ସଲମାନଙ୍କ ଫଟୋ ଏବଂ କ୍ୟାପସନରେ ତାଙ୍କ ପ୍ରତି କେତେ ଭଲ ପାଇବା ତାହା ଜଣାପଡୁଛି । ସଂଜୟ ଦତ୍ତ ମଧ୍ୟ ଅନେକ ଥର ସଲମାନ ଏବଂ ତାଙ୍କ ବନ୍ଧୁତାକୁ ନେଇ କହିସାରିଛନ୍ତି । ଦୁହେଁ ବଲିଉଡ ଇଣ୍ଡଷ୍ଟ୍ରୀରେ ପରସ୍ପରର ଅତି ଘନିଷ୍ଠ ବନ୍ଧୁ । ସଂଜୟ ଦତ୍ତ ଏବଂ ସଲମାନ ଖାନଙ୍କ ଫଟୋ ଦେଖି ଫ୍ୟାନ୍ସ ବହୁତ ଖୁସି ହୋଇଛନ୍ତି । ୟୁଜର୍ସ ଦୁହିଁଙ୍କ ଫଟୋ ଦେଖି କମେଣ୍ଟ କରିଛନ୍ତି । ଅନେକ ୟୁଜର୍ସ ବିଭିନ୍ନ ପ୍ରକାରର ଇମୋଜି ଦେଇଛନ୍ତି । ସଲମାନ ଏବଂ ସଂଜୟ ଦତ୍ତ ଅନେକ ଫିଲ୍ମରେ ଏକାଠି କାମ କରିଛନ୍ତି । ଚଲ୍ ମେରେ ଭାଇ ଏବଂ ସାଜନ ଭଳି ଫିଲ୍ମ ରହିଛି । ଦୁଇଟି ଯାକ ଫିଲ୍ମରେ ସଲମାନ ଏବଂ ସଂଜୟଙ୍କ କେମେଷ୍ଟ୍ରିକୁ ବହୁତ ପସନ୍ଦ କରାଯାଇଛି ।

# କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ

କରମଙ୍ଗା ଦେଖିବାକୁ ତାରା ଭଳିୟ ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ୍ୟ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ୍ୟ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆଦି ଅନେକ ମହତ୍ତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକୟ ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତୟ ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ଦ୍ୱଚର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ



ଲଢ଼ିବାରେ ମଧ୍ୟ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକୟ ଏହା ହୃଦୟ ରୋଗର ଆଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡ଼ିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ୍ୟ ଅତ୍ୟନ୍ତ ଉପାଦେୟୟ କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।

# ଅର୍ଜୁନଙ୍କ ବ୍ୟତୀତ କିଏ ଶୁଣିଥିଲେ ଶ୍ରୀକୃଷ୍ଣଙ୍କ ଗୀତାଜ୍ଞାନ ? ଜାଣନ୍ତୁ

ମହାଭାରତ ଯୁଦ୍ଧ କୌରବ ଏବଂ ପାଣ୍ଡବଙ୍କ ମଧ୍ୟରେ ହୋଇଥିଲା । କିନ୍ତୁ ଭାଇ ଅର୍ଥାତ କୌରବଙ୍କ ବିରୋଦ୍ଧରେ ଅସ୍ତ୍ର ଉଠାଇବାକୁ ରାଜି ନଥିଲେ ଅର୍ଜୁନ । ତାଙ୍କୁ ବୁଝେଇବା ପାଇଁ ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ହିଁ ଅର୍ଜୁନଙ୍କୁ ଦେଇଥିଲେ ଗୀତାଜ୍ଞାନ ।କୁରୁକ୍ଷେତ୍ରରେ ଚାରିଆଡେ ସେନା ଦ୍ୱାରା ଘେରି ହୋଇଥିଲେ ସମସ୍ତେ ।କିନ୍ତୁ ଗୀତା ଶୁଣାଇବା ସମୟରେ ଶ୍ରୀକୃଷ୍ଣ ସମୟକୁ ରୋକି ଦେଇଥିଲେ ଏବଂ ରଣଭୂମୀରେ ଥିବା ସୈନିକ ସ୍ତବ୍ଧ ହୋଇ ଯାଇଥିଲେ । ସମୟରେ ହିଁ ଗୀତାଜ୍ଞାନ ଅର୍ଜୁନଙ୍କୁ ଦେଇଥିଲେ ଶ୍ରୀକୃଷ୍ଣ ।ସବୁଠାରୁ ବଡ କଥା ହେଉଛି ଗୀତାଜ୍ଞାନ ଦେବା ବେଳେ ସମସ୍ତଙ୍କ ମଧ୍ୟରୁ କିଛି



ଜଣ ହିଁ ଏହାକୁ ଶୁଣିପାରିଥିଲେ। ଗଣତି ଅନୁଯାୟୀ ଅର୍ଜୁନଙ୍କ ବ୍ୟତୀତ କେବଳ ୩ଜଣ ଥିଲେ ଯିଏକି ଶୁଣିପାରିଥିଲେ ଗୀତା ଜ୍ଞାନ ।ଆସନ୍ତୁ ଜାଣିବା ସେମାନେ କିଏ ଥିଲେସବୁଠାରୁ ପ୍ରଥମେ ଥିଲେ ବଜରଙ୍ଗବାଲୀ ହନୁମାନ । କାରଣ ସେ ଅର୍ଜୁନଙ୍କ ରଥରେ ହିଁ ଥିଲେ । ଦ୍ୱିତୀୟରେ ରହିଛନ୍ତି ସଞ୍ଜୟ । ତ । ଙ୍କୁ ବେଦବ୍ୟାସଙ୍କ କୃପାରୁ ଦିବ୍ୟ ଦୃଷ୍ଟି ପ୍ରାପ୍ତ ହୋଇଥିଲା । ଏହି କାରଣରୁ ହିଁ ସେ ମହଲରେ ଥାଇ ମଧ୍ୟ ଶୁଣିପାରିଥିଲେ ଗୀତା ଜ୍ଞାନ ।ତୃତୀୟ ତଥା ଶେଷରେ ଗୀତା ଜ୍ଞାନ ଶୁଣିଥିଲେ ଘଟୋତ୍କୋଚଙ୍କ ପୁଅ ଅର୍ଥାତ୍ ଭୀମଙ୍କ ନାତି । ତାଙ୍କ ନାଁ ହେଉଛି ବର୍ବରିକ । ସେ ମଧ୍ୟ ଶ୍ରୀକୃଷ୍ଣଙ୍କ ବରଦାନରୁ ଶୁଣିପାରିଥିଲେ ଗୀତାଜ୍ଞାନ ।

# ପୋଇ ଶାଗରେ ରହିଛି ଅନେକ ଗୁଣ

## ଦୂର କରିଥାଏ ଆଇରନ୍ ସମସ୍ୟା

ଭାରତରେ ଅନେକ ପ୍ରକାର ଶାଗ ଉପଲବ୍ଧ। ଶାଗ ଆପଣ ନିଜର ଦୈନନ୍ଦିନ ଡାଏଟିରେ ସାମିଲ କରିପାରିବେ। ପୋଇ ମଧ୍ୟ ଏକ ପ୍ରକାର ଶାଗ ଯାହା ଭାରତରେ ମିଳେ। ପୋଇ ଶାଗ ବହୁତ ସ୍ୱାସ୍ଥ୍ୟକର। ଦେଖିବାକୁ ଏହା ପ୍ରାୟ ପାଳଙ୍ଗ ଶାଗ ଭଳି। ପୋଇ ଶାଗକୁ ବିଭିଉ ତରିକାରେ ରନ୍ଧାଯାଏ। ଏହି ଶାଗ ଶରୀରରେ ଆଇରନର ଅଭାବ ଦୂର କରିଥାଏ। ତାଛଡା ହୃଦୟ ଓ ମସ୍ତିଷ୍କକୁ ମଧ୍ୟ ସୁସ୍ଥ ରଖିଥାଏ। ନିୟମିତ ପୋଇ ଶାଗ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ପୋଇ ଶାଗର ଆହୁରି ଅନେକ ଲାଭ ରହିଛି।

× ପୋଇ ଶାଗ ଫାଇବର ଭଳି ପୋଷାକ ତତ୍ୱରେ ଭରପୁର। ଏହା ଶରୀରରେ ଥିବା ବ୍ୟାଡ଼ କୋଲେଷ୍ଟ୍ରୋଲକୁ କମ କରିଥାଏ ଓ ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏହା ରକ୍ତ ସଞ୍ଚାଳନରେ ସୁଧାର ଆଣିଥାଏ ଏବଂ ହୃଦୟ ସହ ଜଡିତ ରୋଗର ଆଶଙ୍କା କମ କରିଥାଏ। ଏଥିରେ ପୋଟାସିୟମ ମଧ୍ୟ



ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ।

× ଆଇରନ୍ ବ୍ଲଡ଼୍ ସେଲର ଉଚିତ ଉତ୍ପାଦନର ଏକ ମହତ୍ୱପୂର୍ଣ୍ଣ ତତ୍ତ୍ୱ। ଆଇରନ୍ ଅଭାବ ଯୋଗୁଁ ହେମୋଗ୍ଲୋବିନ୍ ଉତ୍ପାଦନ ପ୍ରଭାବିତ ହୋଇଥାଏ ଯେଉଁଥିପାଇଁ ଏନିମିଆ ହେବାର ଆଶଙ୍କା ଥାଏ।

× ପୋଇ ଶାଗରେ ମ୍ୟାଗନେସିୟମ୍ ଓ କ୍ୟାଲସିୟମ୍ ଭରପୁର ମାତ୍ରାରେ ରହିଛି। ଏହି ଦୁଇଟି ପୋଷାକ ତତ୍ତ୍ୱ ହାଡ ମଜବୁତ କରିବାରେ ସାହାଯ୍ୟ କରିଥାଏ। ନିୟମିତ ସେବନ ଦ୍ୱାରା ହାଡ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ। ଏହା ଭିଟାମିନ୍-ସି ର ଏକ ପ୍ରମୁଖ ସ୍ରୋତ ଯେଉଁଥିପାଇଁ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

× ଅନିଦ୍ରା ସମସ୍ୟା ପାଇଁ ମଧ୍ୟ ପୋଇ ଶାଗ ବହୁତ ଲାଭଦାୟକ। ଯଦି ଆପଣଙ୍କୁ ରାତିରେ ନିଦ ହେଉନାହିଁ କିମ୍ବା ଅନିଦ୍ରା ସମସ୍ୟା ରହିଛି ତାହେଲେ ନିୟମିତ ପୋଇ ଶାଗ ସେବନ କରିପାରିବେ। ପୋଇ ଶାଗରେ ମ୍ୟାଗନେସିୟମ ଜିଙ୍କର ଗୁଣ ରହିଛି ଯାହା ନିଦ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ

× ପୋଇ ଶାଗରେ ବହୁ ମାତ୍ରାରେ ଫାଇବର ରହିଛି ଯାହା ପାଚନ ତନ୍ତ୍ରକୁ ମଜବୁତ କରିଥାଏ। ସୁସ୍ଥ ପାଚନ ପ୍ରଣାଳୀ ପାଇଁ ପୋଇ ଶାଗ ସେବନ କରିପାରିବେ। ତାଛଡା ଏହା ପେଟ ଜନିତ ସମସ୍ୟା ମଧ୍ୟ ଦୂର କରିଥାଏ। ଏହା ଓଜନ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

# କ'ଣ ମନି ପ୍ଲାଣ୍ଟ ଗଛ ଲଗାଇଲେ ଘରେ ଝଗଡ଼ା ହୁଏ

ଘରେ ମନି ପ୍ଲାଣ୍ଟ ଗଛ ଲଗାଇଲେ ସକରାତ୍ମକ ଶକ୍ତି ଆସେ, ଧନ ବଢ଼େ ବୋଲି କୁହାଯାଏ। ହଁ ଏହି କଥା ସତ। ମାତ୍ର ଏହି ମନି ପ୍ଲାଣ୍ଟ ଗଛକୁ ଯଦି ଠିକ ସ୍ଥାନରେ ନ ରଖାଯାଏ ତେବେ ଘରେ ଅଶାନ୍ତି



ସୃଷ୍ଟି ହୋଇଥାଏ। ପରସ୍ପର ମଧ୍ୟରେ କଳି ଝଗଡ଼ା ଲାଗି ରହେ। ଘରେ ମନି ପ୍ଲାଣ୍ଟ ଗଛକୁ ଲଗାଇବା ପୂର୍ବରୁ କିଛି କଥା ମନେ ରଖନ୍ତୁ, କେବେ ବି ମନି ପ୍ଲାଣ୍ଟ ଗଛକୁ ବାହାରେ ଲଗାଇବେ ନାହିଁ, ଖରା ଠାରୁ ଗଛକୁ ଦୂରେଇ ରଖନ୍ତୁ, ଗଛର ପତ୍ରକୁ କେବେ ଶୁଖିବାକୁ ଦିଅନ୍ତୁ ନାହିଁ, ସବୁବେଳେ ପାଣି ଦିଅନ୍ତୁ। ଏହା କରିପାରିଲେ ଘରେ ଶାନ୍ତି ବଜାୟ ରହିବ। ବାସ୍ତୁ ଶାସ୍ତ୍ର ଅନୁସାରେ, ମନି ପ୍ଲାଣ୍ଟକୁ କେବଳ ଦକ୍ଷିଣ ପୂର୍ବ ଦିଗରେ ରଖିବେ। ଦକ୍ଷିଣ ପୂର୍ବ ଦିଗରେ ଭଗବାନ ଗଣେଶ ବାସ କରିଥାନ୍ତି। ଫଳରେ ଏହି ସ୍ଥାନରେ ରଖିଲେ ଘରେ ସୁଖ ସମୃଦ୍ଧି ପ୍ରାପ୍ତ ହୁଏ। ଉତର ପୂର୍ବ ସ୍ଥାନରେ ରଖିଲେ ନକରାତ୍ମକ ଶକ୍ତି ଆସେ। ମନି ପ୍ଲାଣ୍ଟ ଗଛକୁ କେବେ ବି ଘର ବାହାରେ ଲଗାଇବେ ନାହିଁ। ଗଛକୁ ପତ୍ରକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଏଥିରେ ସବୁବେଳେ ପାଣି ଦେବା ଦରକାର। ଯଦି ଗଛର ପତ୍ର ହାଲକା ହଳଦିଆ ଦେଖାଯିବ ତେବେ ଶୀଘ୍ର ବାହାର କରିଦିଅନ୍ତୁ। କୁହାଯାଏ କି, ଗଛର ପତ୍ର ସବୁବେଳେ ଉପର ମୁହାଁ ହୋଇ ବଢ଼ିବା ଦରକାର। ତଳ ମୁହାଁ ତଥା ମାଟିକୁ ଛୁଇଁବା ଭଲ ନୁହେଁ। ସେଥିପାଇଁ ଗଛକୁ ଲଗାଇବା ସମୟରେ ଏକ ବାଡ଼ି ଦେଇ ଗଛକୁ ହାଲୁକା ଭାବେ ବାନ୍ଧି ଦିଅନ୍ତୁ। ଯାହା ଦ୍ୱାରା ଉପର ମୁହାଁ ହୋଇ ବଢ଼ିବ।

## ଅକ୍ଟୋବର ୩ ଭାରତୀୟ ଫୁଟବଲରେ ଐତିହାସିକ ଦିନ

# କୋଲକାତାରେ ମୁହାଁମୁହିଁ ହେବେ ଭାରତ-ବ୍ରାଜିଲ

**କୋଲକାତା,୧୮ :** ଫିଫା ବିଶ୍ୱକପ କ୍ରେଜ୍ ଭାରତୀୟ ଫୁଟବଲ୍ ଫ୍ୟାନ୍ସଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା। ଫୁଟବଲର ଲୋକପ୍ରିୟତା ଦେଶରେ ଲଗାତାର ବଢ଼ି ଚାଲିଛି। ଏହାରି ଭିତରେ ଭାରତୀୟ ଫୁଟବଲ୍ ପ୍ରେମୀଙ୍କ ପାଇଁ ଆଉ ଏକ ଖୁସିଖବର ଆସିଛି। ଭାରତ ଆସିବ ପାଞ୍ଚ ଥର ଫାଫି ବିଶ୍ୱକପ ବିଜୟୀ ଦଳ ବ୍ରାଜିଲ୍। ବ୍ରାଜିଲର ଭାରତ ଗସ୍ତକୁ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଅକ୍ଟୋବର ୩ରେ କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମରେ ଭାରତ ସହ ବ୍ରାଜିଲ ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ । ବ୍ରାଜିଲିଆନ୍ ଫୁଟବଲ୍ କନଫେଡେରେସନ୍ (ସିବିଏଫ୍) ଏହା ସ୍ପଷ୍ଟ କରିଛି। ଏହା ସେଲେସାଓର ଭାରତୀୟ ମାଟିରେ ପ୍ରଥମ ମ୍ୟାଚ୍ ହେବ। ଏହି ସୂଚନା ବ୍ରାଜିଲର ପ୍ରସ୍ତାବିତ ଭାରତ ଗସ୍ତକୁ ନେଇ କିଛି ଦିନ ହେବ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟାଇଛି। ଇଏସପିଏନ୍ ବ୍ରାଜିଲର ପୂର୍ବରୁ ନିଜ ରିପୋର୍ଟରେ ଦାବି କରିଥିଲା ଯେ ସିବିଏଫ୍ କୋଲକାତାରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଆୟୋଜନ କରିବା ପାଇଁ ଆଲୋଚନା କରୁଛି। କିନ୍ତୁ ସେତେବେଳେ ବିରୋଧୀ





ଦଳ ଚୂଡ଼ାନ୍ତ ହୋଇନଥିଲା। ସିବିଏଫ୍ ଏବଂ ଭାରତୀୟ ଅଂଶୀଦାରମାନଙ୍କ ମଧ୍ୟରେ ଏହି ଆଲୋଚନା ଫିଫା ବିଶ୍ୱକପ୍ ୨୦୨୬ ସମୟରେ ଆରମ୍ଭ ହୋଇଥିଲା। ଭାରତୀୟ ପ୍ରଶଂସକଙ୍କ ଠାରୁ ବ୍ରାଜିଲ ଦଳକୁ ମିଳିଥିବା ବିପୁଳ ସମର୍ଥନ, ସୋସିଆଲ ମିଡିଆରେ ସମର୍ଥକଙ୍କ ଭିଡିଓ ଭାଇରାଲ ହେବା ପରେ ଭାରତରେ ଖେଳିବା ପାଇଁ ବ୍ରାଜିଲର ଆଗ୍ରହ ଆହୁରି ବୃଦ୍ଧି ପାଇଥିଲା। ସିବିଏଫ୍ ନିଜ ବିବୃତିରେ କହିଛି, ‘ ବ୍ରାଜିଲ ଜାତୀୟ ଦଳର କାର୍ଯ୍ୟସୂଚୀ ଜାରି ରହିଛି। ଅଷ୍ଟ୍ରେଲିଆରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ପରେ, ଆମର ପରବର୍ତ୍ତୀ ଗନ୍ତବ୍ୟ ସ୍ଥଳ ହେବ ଭାରତ। ଯେଉଁଠାରେ ଆମେ ଆମ ଇତିହାସର ଏକ ଅଭୂତପୂର୍ବ ଅଧ୍ୟାୟ ଲେଖିବୁ। ଅକ୍ଟୋବର ୩ରେ, କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମରେ ଜାତୀୟ ଦଳ ପ୍ରଥମ ଥର ପାଇଁ ଭାରତୀୟ ମାଟିରେ ପଦାର୍ପଣ କରିବ। ଏହା ଏପରି ଏକ ଦେଶ ସହିତ ଏକ ସ୍ୱତନ୍ତ୍ର ମିଳନ ହେବ, ଯେଉଁଠାରେ ବ୍ରାଜିଲ ଜାତୀୟ ଦଳର ସବୁଠାରୁ ବଡ଼ ଅନ୍ତର୍ଜାତୀୟ ପ୍ରଶଂସକ ଅଛନ୍ତି। ଯେଉଁମାନେ ପିଢ଼ି ପରେ ପିଢ଼ି ବ୍ରାଜିଲ ଫୁଟବଲର ଇତିହାସକୁ ଭଲପାଇବା ଦେଇଛନ୍ତି । କୋଟି କୋଟି ଭାରତୀୟ ପ୍ରଶଂସକଙ୍କ ସହ ଏହି ମୁହୂର୍ତ୍ତକୁ ଉପଭୋଗ କରିବାକୁ ଆମେ ଆଗ୍ରହୀ। କୋଲକାତାରେ ଦେଖାହେବ। ବ୍ରାଜିଲ୍ ଫୁଟବଲ୍ ସହିତ କୋଲକାତାର ସମ୍ପର୍କ ଦଶନ୍ଧି ପୁରୁଣା। ବିଶ୍ୱକପ୍ ସମୟରେ, ଏହି ସହର ପୁଣି ଥରେ ହଳଦିଆ ଏବଂ ସବୁଜ ରଙ୍ଗର ସମୁଦ୍ରରେ ପରିଣତ ହୋଇଥିଲା। ସମର୍ଥକମାନେ ୫ ଥରର ବିଶ୍ୱବିଜେତାଙ୍କୁ ସମର୍ଥନ କରି ପୂରା ସହରକୁ ବ୍ରାଜିଲ୍ ପତାକା, ମୁରାଲ୍ସ ଏବଂ ଖେଳାଳିଙ୍କ ବିଶାଳ କଟ୍-ଆଉଟ୍ରେ ସଜାଇଥିଲେ। ତେବେ ଏହି ସମ୍ପର୍କ ୧୯୭୭ ମସିହାରୁ ଆରମ୍ଭ ହୋଇଥିଲା।

# ବକ୍ସିଂରେ ଭାରତକୁ ସ୍ୱର୍ଣ୍ଣ ଦେଲେ ପ୍ରୀତି

**ଗ୍ଲାସଗୋ,୧୮ :** ଭାରତୀୟ ମହିଳା ବକ୍ସର ପ୍ରୀତି ପାୱାର ସ୍କଟଲାଣ୍ଡର ଗ୍ଲାସ୍‌ଗୋ ସହରରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୬ରେ କମାଲ କରିଛନ୍ତି। ଏଠାରୁ ସେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଆଣିଛନ୍ତି। ସେ ଫାଇନାଲ ମୁକାବିଲାରେ କାନାଡାର ଡେଲଗାଡୋ ସାଭାନାଙ୍କୁ ସହଜରେ ପରାସ୍ତ କରିଛନ୍ତି। ପ୍ରୀତି ତାଙ୍କ ମୁକାବିଲାର ସମସ୍ତ ତିନୋଟି ରାଉଣ୍ଡରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ଏବଂ ସମସ୍ତ ପାଞ୍ଚ ଜଣ ବିଚାରକ ତାଙ୍କ ସପକ୍ଷରେ ରାୟ ଦେଇଥିଲେ। ମହିଳା ବକ୍ସିଂର ୫୪କିଲୋ ବର୍ଗରେ ପ୍ରୀତି ପାୱାର ତାଙ୍କ ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଦୃଢ଼ ଭାବରେ ପରାସ୍ତ କରି ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ପ୍ରଥମ ରାଉଣ୍ଡରେ ମାଲାୱିର ଆଥଲେଟଙ୍କୁ ନକ୍ ଆଉଟ୍ କରିଥିଲେ। ତା’ପରେ ସେ ଉତ୍ତର ଆୟରଲ୍ୟାଣ୍ଡ ଏବଂ ଜାମ୍ବିଆର ଆଥଲେଟମାନଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଥିଲେ। ପ୍ରୀତି ପ୍ରଥମ ରାଉଣ୍ଡରୁ ହିଁ କାନାଡିଆନ ବକ୍ସରଙ୍କୁ ଏକ ପଞ୍ଚ ମାରିବାର ସୁଯୋଗ ଦେଇ ନଥିଲେ। ସେ ବିଶ୍ୱର ୩ ନମ୍ବର ସ୍ଥାନରେ ଅଛନ୍ତି ଏବଂ ଜଣେ ବିଶ୍ୱ ଚାମ୍ପିଅନ ପରି ପ୍ରଦର୍ଶନ କରିଥିଲେ। ସେ ଗତ ବର୍ଷ ବିଶ୍ୱ ବକ୍ସିଂ କପରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଚଳିତ ଥର ରାଜ୍ୟଗୋଷ୍ଠୀ କ୍ରୀଡାରେ ମୋଟ ୧୪ ଜଣ ଭାରତୀୟ ବକ୍ସର ଅଂଶଗ୍ରହଣ କରିଛନ୍ତି, ଯେଉଁଥିରୁ ୧୦ ଜଣ ଫାଇନାଲରେ ପ୍ରବେଶ କରିଥିଲେ। ପ୍ରୀତି ପାୱାର ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୬ରେ ଭାରତର ପ୍ରଥମ



ବକ୍ସିଂ ପଦକ ଜିତିଥିଲେ। ଜାସ୍ମିନ୍ ଲାମ୍ବୋରିଆ ମଧ୍ୟ ଏକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି, ଯାହା ଦ୍ୱାରା ଗେମ୍ସରେ ଭାରତର ମୋଟ ସ୍ୱର୍ଣ୍ଣ ପଦକ ସଂଖ୍ୟା ସାତକୁ ବୃଦ୍ଧି ପାଇଛି। ଭାରତ ବର୍ତ୍ତମାନ ସାତ ସ୍ୱର୍ଣ୍ଣ, ୧୨ ରୌପ୍ୟ ଏବଂ ଛଅ କାଂସ୍ୟ ପଦକ ସହିତ ପଦକ ତାଲିକାରେ ଷଷ୍ଠ ସ୍ଥାନରେ ଅଛି। ପ୍ରୀତି ପାୱାର ପ୍ରଥମ ଥର ପାଇଁ ୨୦୨୨ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ଜିତି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

# ନୀରଜଙ୍କୁ ରୌପ୍ୟ, ଯଶବୀରଙ୍କୁ କାଂସ୍ୟ

**ଗ୍ଲାସ୍‌ଗୋ,୧୮ :** ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାର ପୁରୁଷ ଜାଭଲିନ୍ ଥ୍ରୋ ଇଭେଣ୍ଟରୁ ଭାରତକୁ ୨ ପଦକ ମିଳିଛି। ଡବଲ୍ ଅଲିମ୍ପିକ୍ସ





ପଦକ ବିଜେତା ନୀରଜ ଚୋପ୍ରା ରୌପ୍ୟ ପଦକ ଜିତିଥିବାବେଳେ ଯଶବୀର ସିଂହ କାଂସ୍ୟ ପଦକ ହାସଲ କରିଛନ୍ତି। ଫଳରେ ନୀରଜଙ୍କ ସ୍ୱର୍ଣ୍ଣ ବିଜୟ ଅବସୋସ ଭାରତର ଯୁଗଳ ପଦକରେ ଭରଣା ହୋଇଛି। ଯଶବୀର ସିଂହ ବ୍ୟକ୍ତିଗତ ଶ୍ରେଷ୍ଠ ଥ୍ରୋ ସହିତ ନିଜ ଜୀବନର ବଡ ସଫଳତା ପାଇଛନ୍ତି। ନୀରଜ ନିଜ ଦ୍ୱିତୀୟ ପ୍ରୟାସରେ ଫିଙ୍ଗିଥିବା ୮୫.୮୩ ମିଟର୍ ଏବଂ ଯଶବୀରଙ୍କ ୮୫.୪୧ ମିଟର ସେମାନଙ୍କୁ ଏହି ସଫଳତା ଦେଇଥିଲା। ଶ୍ରୀଲଙ୍କାର ଯୁବ ଖେଳାଳି ରୁମେଶ ଥରଙ୍ଗା ପଥରାଗେ (୮୯.୭୫ ମିଟର) ସ୍ୱର୍ଣ୍ଣ ପଦକ ଜିତି ଶ୍ରୀଲଙ୍କାକୁ ଅପୂର୍ବ ସଫଳତା ଆଣି ଦେଇଥିଲେ। ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି ଜୁଡୋକା ଅସ୍ମିତା ଦେ ଓ ହର୍ଷ ସିଂହ। ଉଭୟ ଜୁଡୋକା ଲଢୁଆ ପ୍ରଦର୍ଶନ କରି ଭାରତ ପାଇଁ ଯୁଗଳ ସ୍ୱର୍ଣ୍ଣ ଆଣିଦେଇଛନ୍ତି। ଶୁକ୍ରବାର ଜୁଡୋରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣିମ ସଫଳତା ଆଣିଥିଲେ ଅସ୍ମିତା ଦେ। ଶୁକ୍ରବାର ସଂଧ୍ୟାରେ ଅନୁଷ୍ଠିତ ମହିଳା ୪୮ କିଲୋଗ୍ରାମ ଫାଇନାଲରେ ତ୍ରିପୁରାର ଏହି ୨୩ ବର୍ଷୀୟା ଜୁଡୋକା କାନାଡାର ହେଇଦି କ୍ୱାଚ୍‌ଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆରମ୍ଭରୁ ସେ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ କଠିନ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ବିଜୟୀ ହୋଇଥିଲେ। ଏହାର କିଛି ମିନିଟ୍ ପରେ ପୁରୁଷ ୬୦ କେଜିରେ ହର୍ଷ ସିଂହ ଅଷ୍ଟ୍ରେଲିଆର ଜୋସୁଆ କାଜ୍‌ଙ୍କୁ ଏକତରଫା ଭାବେ ପରାସ୍ତ କରିଥିଲେ। ଏହି ସ୍ୱର୍ଣ୍ଣ ଯୁଗଳକୁ ଐତିହାସିକ କୁହାଯାଉଛି କାରଣ ଭାରତ ପୂର୍ବରୁ କେବେ ମଧ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତି ନଥିଲା।

# ନିଜ ଭୁଲ୍‌ର ପଶ୍ଚାତାପ କରୁଛି କେକେଆର

**କୋଲକାତା,୧୮ :** ଅଜିଙ୍କ୍ୟ ରାହାଣେଙ୍କ ଅବସର ପରେ କୋଲକାତା ନାଇଟ୍ ରାଇଡର୍ସ ସମ୍ମୁଖରେ ଏବେ ସବୁଠାରୁ ବଡ଼ ପ୍ରଶ୍ନ କିଏ ହେବେ ଦଳର ପରବର୍ତ୍ତୀ ଅଧିନାୟକ। ସୋସିଆଲ ମିଡିଆଠାରୁ ଆରମ୍ଭ କରି କ୍ରିକେଟ୍ ମହଲ ପର୍ଯ୍ୟନ୍ତ ରିଙ୍କୁ ସିଂ, ସୁନୀଲ ନାରାୟଣ ଏବଂ ରୋଭମ୍ୟାନ ପାୱେଲଙ୍କ ନାଁକୁ ନେଇ ଚର୍ଚ୍ଚା ଜୋର ଧରିଛି । କିନ୍ତୁ କେକେଆରର ପ୍ରକୃତ ସମସ୍ୟା ରାହାଣେଙ୍କ ଅବସର ନୁହେଁ ବରଂ ଫ୍ରାଞ୍ଚାଇଜର ସବୁଠାରୁ ବଡ଼ ଭୁଲ୍ ୨ ବର୍ଷ ପୂର୍ବେ ହୋଇଥିଲା, ଯେତେବେଳେ ଦଳ ଆଇପିଏଲ ୨୦୨୪ ଟ୍ରଫି ଜିତାଇଥିବା ଅଧିନାୟକ ଶ୍ରେୟସ ଆୟରଙ୍କୁ ନିଜଠାରୁ ଅଲଗା କରିଦେଇଥିଲା। ଆଜି ଦଳରେ ଯେଉଁ ନେତୃତ୍ୱ ସଙ୍କଟ ଦେଖାଦେଇଛି, ତାହାର ମୂଳଦୁଆ ସେହି ନିଷ୍ପତ୍ତିରେ ହିଁ ପଡ଼ିଥିଲା। ଆଇପିଏଲ ୨୦୨୪ କେକେଆର୍ ଇତିହାସର ସବୁଠାରୁ ସ୍ମରଣୀୟ ସିଜନ୍ ଥିଲା । ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଦଳ ୧୦ ବର୍ଷ ପରେ ଟ୍ରଫି ଜିତି ତୃତୀୟ ଥର ପାଇଁ ଚାମ୍ପିଅନ୍ ହୋଇଥିଲା । ଏଭଳି ଜଣେ ସଫଳ ଅଧିନାୟକଙ୍କ ସହ ଦଳ ଦୀର୍ଘକାଳୀନ ଯୋଜନା କରିପାରିଥାନ୍ତା, କିନ୍ତୁ ମେଗା ନିଲାମ ପୂର୍ବରୁ ଫ୍ରାଞ୍ଚାଇଜ୍ ତାଙ୍କୁ ରଖିବାରେ ବିଫଳ ହେଲା। ଶ୍ରେୟସଙ୍କ ଯିବା ପରେ କେକେଆର୍ ପାଖରେ କୌଣସି ଫିଟ୍ ଅଧିନାୟକ ନଥିଲେ। ଏହିଠାରୁ ହିଁ ଦଳର ‘ଲିଡରସିପ୍ ପ୍ଲାନିଂ’ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଶ୍ରେୟସଙ୍କ ପରେ କେକେଆର୍ ଅଭିଜ୍ଞ



ଅଜିଙ୍କ୍ୟ ରାହାଣେଙ୍କୁ ଦାୟିତ୍ୱ ଦେଇଥିଲା। ଏହି ନିଷ୍ପତ୍ତି ଭବିଷ୍ୟତର ରଣନୀତି ଅପେକ୍ଷା ତତ୍କାଳ ସଂକଟର ସମାଧାନ ପରି ମନେ ହେଉଥିଲା। ଏଥିସହିତ ଭେଙ୍କଟେଶ ଆୟରଙ୍କୁ ଉପ-ଅଧିନାୟକ କରି ଦଳ ସଙ୍କେତ ଦେଇଥିଲା ଯେ ସେ ଆଗାମୀ ଦିନର କ୍ୟାପଟେନ। କିନ୍ତୁ ଏହି ପ୍ରୟୋଗ ସଫଳ ହେଲାନାହିଁ। ଆଇପିଏଲ ୨୦୨୫ରେ ଦଳ ୮ମ ସ୍ଥାନରେ ରହିଲା ଏବଂ ଭେଙ୍କଟେଶଙ୍କୁ ମଧ୍ୟ ପରବର୍ତ୍ତୀ ସିଜନରେ ରିଲିଜ୍ କରିଦିଆଗଲା। ଭେଙ୍କଟେଶଙ୍କ ପରେ ଦଳ ରିଙ୍କୁ ସିଂଙ୍କୁ ଭବିଷ୍ୟତର ଅଧିନାୟକ ଭାବେ ଗଢ଼ିବାକୁ ଚେଷ୍ଟା କଲା। କିନ୍ତୁ ଆଇପିଏଲ ୨୦୨୬ରେ ମଧ୍ୟ କେକେଆର୍ ପ୍ଲେ-ଅଫରେ ପହଞ୍ଚିପାରିଲା ନାହିଁ । ରାହାଣେ ବ୍ୟାଟିଂ ଏବଂ ଅଧିନାୟକତ୍ୱ ଉଭୟରେ ପ୍ରଭାବହୀନ ରହିଲେ। ଅନ୍ୟପଟେ ରିଙ୍କୁଙ୍କ ପ୍ରଦର୍ଶନ ମଧ୍ୟ ଏପରି ନଥିଲା ଯେଉଁଥିପାଇଁ ତାଙ୍କୁ ତୁରନ୍ତ ଦାୟିତ୍ୱ ମିଳିପାରିବ। ରାହାଣେଙ୍କ ଅବସର କେକେଆର୍‌ର ସମସ୍ୟା ନୁହେଁ, ବରଂ ତାଙ୍କର ରଣନୈତିକ ବିଫଳତାର ପ୍ରତିଫଳ ନ। ଦଳ ପାଖରେ ଏବେ ରିଙ୍କୁ ସିଂ, ରୋଭମ୍ୟାନ ପାୱେଲ କିମ୍ବା ସୁନୀଲ ନାରାୟଣଙ୍କ ଭଳି ବିକଳ୍ପ ଅଛନ୍ତି। କିନ୍ତୁ ବଡ଼ ପ୍ରଶ୍ନ ହେଉଛି, କ’ଣ କେକେଆର୍ ନିଜର ଭୁଲରୁ ଶିକ୍ଷା ନେଇଛି ୨୦୨୭ ନିଲାମରେ ଜଣେ ଅଭିଜ୍ଞ ଭାରତୀୟ ଅଧିନାୟକଙ୍କୁ ଦଳରେ ସାମିଲ କରିବା ଏବେ ଫ୍ରାଞ୍ଚାଇଜ୍ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି । ଟ୍ରଫି ଜିତାଇଥିବା ଅଧିନାୟକଙ୍କୁ ହରାଇବା ପରଠାରୁ କେକେଆର୍ ଯେଉଁ ଅନ୍ଧାର ଗଳିରେ ଫସିଛି, ସେଥିରୁ ବାହାରିବାକୁ ହେଲେ ଦଳକୁ ଏକ ସ୍ପଷ୍ଟ ‘ସକ୍‌ସେସନ୍ ପ୍ଲାନ୍’ ବା ଉତ୍ତରାଧିକାର ଯୋଜନା ପ୍ରସ୍ତୁତ କରିବାକୁ ହେବ।

## ହକି ଜର୍ସି ରଙ୍ଗ ବଦଳ ବିବାଦରେ ନୂଆ ମୋଡ଼

# ମୋ ସହ କେହି କଥା ହୋଇନଥିଲେ: ଦିଲୀପ

**ଭୁବନେଶ୍ୱର,୧୮ :** ଜାତୀୟ ହକି ଦଳର ଜର୍ସି ବଦଳକୁ ନେଇ ଚାଲିଥିବା ବିବାଦ ଏକ ନୂଆ ମୋଡ ନେଇଛି। ଗୁରୁବାର ଏହା ସପକ୍ଷରେ ମତ ରଖିଥିବା ‘ହକି ଇଣ୍ଡିଆ’ ସଭାପତି ଦିଲୀପ ତିର୍କି କହିଛନ୍ତି ଯେ ଜର୍ସିର ରଙ୍ଗ ବଦଳ ନିଷ୍ପତ୍ତି ତାଙ୍କ ଜ୍ଞାତସାରରେ ନିଆଯାଇ ନଥିଲା। ମୋ ସହ କେହି କଥା ହୋଇନଥିଲେ କି କୌଣସି ଅଫିସିଆଲ୍ ? ଆଗୁଆ ଅନୁମତି ନେଇନଥିଲେ। ତେବେ ଓଡିଶା ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣ ମଗାଯିବା ପରେ ଦିଲୀପ ଶନିବାର ଏ ସମ୍ପର୍କରେ ସରକାରୀ ଅଧିକାରୀଙ୍କୁ ଭେଟି ନିଜ ମତ ରଖିବେ ବୋଲି ସୂଚନା ମିଳିଛି। ଏହା ପୂର୍ବରୁ ଦିଲୀପ ସକାଳେ ହକି ମହାସଂଘର କାର୍ଯ୍ୟନିର୍ବାହୀ ପରିଷଦକୁ ଏକ ଇମେଲ୍ ଲେଖି ସେ ଏ ନେଇ ଜବାବ ତଲବ କରିଛନ୍ତି। ସେ ଲେଖିଛନ୍ତି ଯେ ଜର୍ସିର ରଙ୍ଗ ପରିବର୍ତ୍ତନ ସଂପର୍କିତ ପ୍ରସ୍ତାବ କାର୍ଯ୍ୟନିର୍ବାହୀ ପରିଷଦରେ ଆଲୋଚନା ପାଇଁ ଆଗତ କରାଯାଇ ନଥିଲା, କିମ୍ବା ତାଙ୍କ ଜ୍ଞାତସାରକୁ





ଅଣାଯାଇ ନଥିଲା। କେଉଁ ଭିତ୍ତିରେ ଏପରି ନିଷ୍ପତ୍ତି ନିଆଯାଇଥିଲା, ଏଥିପାଇଁ କେଉଁ ପ୍ରକ୍ରିୟା ଗ୍ରହଣ କରାଯାଇଥିଲା ଏବଂ କେଉଁ ପରିସ୍ଥିତିରେ ନିଷ୍ପତ୍ତିକୁ ମଂଜୁର କରି କାର୍ଯ୍ୟକାରୀ କରାଯାଇଥିଲା ତାହା ଜଣାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ହକି ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆରକେ ଶ୍ରୀବାସ୍ତବଙ୍କୁ ଏକ ପୃଥକ୍ ଇମେଲ ଲେଖିଛନ୍ତି ତିର୍କି। ଏହି ଇମେଲରେ ଜର୍ସିର ରଙ୍ଗ ବଦଳାଇବା ଲାଗି କିଏ କ୍ଷମତା ଦେଲା, ଏହି ନିଷ୍ପତ୍ତିରେ କିଏ କିଏ ସଂପୃକ୍ତ ଥିଲେ ଏବଂ ଏହି ନିଷ୍ପତ୍ତି ଘୋଷଣା କରାଯିବା ପୂର୍ବରୁ କାହିଁକି ସଭାପତି ଓ କାର୍ଯ୍ୟନିର୍ବାହୀ ପରିଷଦକୁ ସୂଚୀତ କରାଗଲା ନାହିଁ, ସେ ସଂପର୍କିତ ଏକ ରିପୋର୍ଟ ଜୁଲାଇ ୩୧ ଅପରାହ୍ନ ୫ଟା ସୁଦ୍ଧା ପ୍ରଦାନ ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ଇମେଲ୍ ?ର ଉତ୍ତର ଦିଲୀପ ପାଇ ସାରିଥିବା ଦିଲୀପ ‘ସମ୍ବାଦ’ ଆଗରେ ସ୍ୱୀକାର କରିଛନ୍ତି। ଖେଳାଳି ଓ ଅଫିସିଆଲଙ୍କ ପସନ୍ଦରେ ଏଭଳି କରାଯାଇଛି ବୋଲି ସ୍ପଷ୍ଟୀକରଣ ଆସିଥିବା ସେ ଜଣାଇଛନ୍ତି। ତେବେ କେ ?ଣସି ସରକାରୀ ଚାପ କି ରାଜନେ ?ତିକ ହସ୍ତକ୍ଷେପକୁ ସେ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି।

ଭାରତୀୟ ହକି ଦଳର ନୂଆ ଜର୍ସି ରଙ୍ଗକୁ ନେଇ ବିବାଦ ବ ?ିବା ସହ ଏହା ହକି ଇଣ୍ଡିଆ ଭିତରେ ଥିବା ବିଭେଦକୁ ବି ପଦାରେ ପକାଇଛି। ସଭାପତି ଦିଲୀପ ତିର୍କିଙ୍କ ଅଜ୍ଞାତରେ ଏହା ଘଟିଥିବା କଥା ସେ ସ୍ପଷ୍ଟ କରିବା ପରେ ବିବାଦ ନୂଆ ମୋଡ ନେଇଛି।

# ଟେଷ୍ଟ କ୍ରିକେଟକୁ ଫେରିବେ ବେନ ଷ୍ଟୋକ୍ସ

**ନୂଆଦିଲ୍ଲୀ,୧୮ :** ଇଂଲଣ୍ଡର ପୂର୍ବତନ ଅଧିନାୟକ ବେନ ଷ୍ଟୋକ୍ସ ସମ୍ପ୍ରତି ଅନ୍ତର୍ଜାତୀୟ କ୍ରିକେଟକୁ ବିଦାୟ ଦେଇଛନ୍ତି, କିନ୍ତୁ ସମ୍ଭାବ୍ୟ ପୁନରାଗମନ ବିଷୟରେ ଆଲୋଚନା ଆରମ୍ଭ ହୋଇସାରିଛି। ଇଂଲଣ୍ଡ କ୍ରିକେଟ ଦଳର ପରିଚାଳନା ନିର୍ଦ୍ଦେଶକ ରବ କି କହିଛନ୍ତି ଯେ ଷ୍ଟୋକ୍ସଙ୍କ ପୁନରାଗମନର ସମ୍ଭାବନାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ଚତୁର୍ଥ ଦିନରେ ଷ୍ଟୋକ୍ସ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଜୋ ରୁଟଙ୍କୁ ଟେଷ୍ଟ ଦଳର ନୂତନ ଅଧିନାୟକ ଭାବରେ ନିଯୁକ୍ତ କରାଯାଇଛି। ଇଂଲଣ୍ଡର ଟେଷ୍ଟ ଦଳର ପରବର୍ତ୍ତୀ ପ୍ରଶିକ୍ଷକ ଭାବରେ ଷ୍ଟିଫେନ ଫ୍ଲେମିଂଙ୍କ ନିଯୁକ୍ତି ଘୋଷଣା କରିବା ସମୟରେ, ରବ କିଙ୍କୁ ଷ୍ଟୋକ୍ସଙ୍କ ସମ୍ଭାବ୍ୟ ପୁନରାଗମନ ବିଷୟରେ ପଚରାଯାଇଥିଲା; ସେ ଉତ୍ତର ଦେଇଥିଲେ, ‘କିଛି ବି ସମ୍ଭବ।’ ତଥାପି, ସେ ସ୍ପଷ୍ଟ କରିଥିଲେ ଯେ ଷ୍ଟୋକ୍ସ ଏପରି କୌଣସି ସଙ୍କ ?ତ ଦେଇନାହାଁନ୍ତି। ତଥାପି, ଷ୍ଟୋକ୍ସ ବର୍ତ୍ତମାନ ଦିନିକିଆ କପରେ ଖେଳୁଛନ୍ତି ଏବଂ ଘରୋଇ କ୍ରିକେଟରେ ସକ୍ରିୟ ଅଛନ୍ତି, ଯାହା ପୁନରାଗମନ ବିଷୟରେ କଳ୍ପନାଜଳ୍ପନାକୁ



ଖୋରାକ କରିଛି। ରବ କି ସ୍କାଏ ସ୍ପୋର୍ଟସକୁ କହିଛନ୍ତି, ‘ଯଦି ସେ ପୁନରାଗମନ କରନ୍ତି ତେବେ ଏହା ଏକ ଚମତ୍କାର କାହାଣୀ ହେବ। ସେ ଏପରି କରିବାର କୌଣସି ସଙ୍କ ?ତ ଦେଇନାହାଁନ୍ତି, କିନ୍ତୁ ଯଦି ଏହା ହୁଏ ତେବେ ମୁଁ ଆଶ୍ଚର୍ଯ୍ୟ ହେବି ନାହିଁ। ବେନ ଷ୍ଟୋକ୍ସଙ୍କ ସହିତ, ସବୁକିଛି ସମ୍ଭବ।’ ଯଦିଓ ଷ୍ଟୋକ୍ସ ନିଜେ ଫେରିବା ନେଇ ଇଙ୍ଗିତ ଦେଇନାହାଁନ୍ତି, ଆଲୋଚନା ଜୋର ଧରିଛି, ଆଗାମୀ ବର୍ଷ ଆସେସ ସିରିଜ ପାଇଁ ତାଙ୍କ ପୁନରାଗମନ ନେଇ ଜୋରଦାର କଳ୍ପନାଜଳ୍ପନା ଚାଲିଛି। ଅଷ୍ଟ୍ରେଲିୟ ପ୍ରଶିକ୍ଷକ ଆଣ୍ଡ୍ରୁ ମ୍ୟାକଡୋନାଲ୍ଡ ଏକ ସାକ୍ଷାତକାରରେ କହିଛନ୍ତି ଯେ ନୂତନ ପ୍ରଶିକ୍ଷକ ଫ୍ଲେମିଂ ଷ୍ଟୋକ୍ସଙ୍କ ସହ ଏ ବିଷୟରେ ଆଲୋଚନା କରିବାକୁ ବିଚାର କରିପାରନ୍ତି। ସେ ମନ୍ତବ୍ୟ ଦେଇଥିଲେ ଯେ ଯଦି ଷ୍ଟୋକ୍ସ ଟେଷ୍ଟ କ୍ରିକେଟକୁ ଫେରିଯାଆନ୍ତି ତେବେ ଏହା ଏକ ଚମତ୍କାର କାହାଣୀ ହେବ। ମ୍ୟାକଡୋନାଲ୍ଡ କହିଛନ୍ତି, ‘ମୁଁ ଭାବୁଛି ତାଙ୍କ ଭିତରେ ଏବେ ବି ବହୁତ କ୍ରିକେଟ ବାକି ଅଛି। ତାଙ୍କୁ ଖେଳିବା ଦେଖିବା ବହୁତ ଭଲ ହେବ। ନୂତନ ପ୍ରଶିକ୍ଷକ ଯିଏ ବି ହୁଅନ୍ତୁ ସେ ସମ୍ଭବତଃ ତାଙ୍କ ସହ ଏ ବିଷୟରେ କଥା ହେବେ।’

# ପଦକ ବିଜେତା ଗୌତମ ସାଜିଛନ୍ତି ସ୍ୱାବଲମ୍ବନର ଉଦାହରଣ

**ଭୁବନେଶ୍ୱର,୧୮ :** ୧୫ବର୍ଷ ବୟସରେ ଗୌତମଙ୍କ ଜୀବନ ଅପ୍ରତ୍ୟାଶିତ ଭାବେ ବଦଳି ଯାଇଥିଲା। ୨୦୧୪ ମସିହାରେ ଏକ ସ୍କୁଲ କ୍ରିକେଟ ମ୍ୟାଚ ସମୟରେ ପଡ଼ିଯିବା କାରଣରୁ ତାଙ୍କ ମେରୁଦଣ୍ଡରେ ଆଘାତ ଲାଗିଥିଲା, ଯାହାଫଳରେ ତାଙ୍କର ଆଂଶିକ ପାରାଲାଇଜ୍ (ପକ୍ଷାଘାତ) ହୋଇଯାଇଥିଲେ। ପରବର୍ତ୍ତୀ ବର୍ଷ ଗୁଡ଼ିକ ଚିକିତ୍ସା, ଥଇଥାନ ଏବଂ ଏକ ନୂତନ ବାସ୍ତବତା ସହିତ ଖାପ ଖୁଆଇବାରେ ପରିପୂର୍ଣ୍ଣ ଥିଲା । ଏହି ଯାତ୍ରା ଚ୍ୟାଲେଞ୍ଜିଂ ହୋଇଥିବା ବେଳେ, ଗୌତମ ନିଜର ସ୍ୱାଧୀନତା ଫେରାଇ ଆଣିବା ଏବଂ ନିଜ ଏବଂ ତାଙ୍କ ପରିବାର ପାଇଁ ଭବିଷ୍ୟତ ଗଠନ କରିବାକୁ ସ୍ଥିର କରିଥିଲେ। ୨୦୨୪ ମସିହାରେ ତାଙ୍କର ନିଷ୍ଠା ଫଳପ୍ରଦହୋଇଥିଲା, ଯେତେବେଳେ ସେ ପାରା-ରଗବୀରେ ଓଡ଼ିଶା ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣପଦକ ଏବଂ ପରେ ଖେଲୋ ଇଣ୍ଡିଆ ପାରା ଗେମ୍ସରେ କାଂସ୍ୟ ପଦକ ଜିତିଥିଲେ, ଯାହା ଆଜିବି ଜାରି ରହିଥିବା ତାଙ୍କ କ୍ରୀଡ଼ା ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାଜିଛି। ଖେଳ ସହିତ ଗୌତମ ନିଜର ବ୍ୟକ୍ତିଗତ ଦାୟିତ୍ୱ ତୁଲାଇବା ସହ ସ୍ୱାଧୀନଭା ବେରୋଜଗାର କରିବାର ଉପାୟ ଅନୁସନ୍ଧାନ କରିବା ଆରମ୍ଭ କରିଥିଲେ।୨୦୨୩ ମସିହାରେ ସମୟର ସୁବିଧା ଏବଂ ଅତିରିକ୍ତ ଜୀବିକା ରୋଜଗାରର ସୁଯୋଗ ଦ୍ୱାରା ଆକୃଷ୍ଟ ହୋଇ ସେ ଜୋମାଟୋ ଡେଲିଭରୀ ପାର୍ଟନର ଭାବେ ଯୋଗଦେଇଥିଲେ। ବର୍ତ୍ତମାନ ସେ ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତି୧୧ଟା ମଧ୍ୟରେ ଡେଲିଭରୀ କାମ ସମାପ୍ତ କରନ୍ତି, ଯାହାଫଳରେ ସେ ନିୟମିତ ତାଲିମନେବା, ପ୍ରତିଯୋଗିତାରେ ଭାଗନେବା ଏବଂ ତାଙ୍କ ପରିବାରର ଖର୍ଚ୍ଚରେ ସାହାଯ୍ୟ କରିବାକୁ ସମର୍ଥ ହୋଇପାରୁଛନ୍ତି। କାର୍ଯ୍ୟ ଏବଂ କ୍ରୀଡା ବ୍ୟତୀତ ଗୌତମ ନିଜ ଆଖପାଖରେ ଥିବା ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସଦା ସର୍ବଦା ପ୍ରତିଶ୍ରୁତିବଦ୍ଧ। ସେନିୟମିତ ଭାବେ ନିଜ ରୋଜଗାରର କିଛି ଅଂଶ ନିଜପଡୋଶୀ ଅଞ୍ଚଳର ବୁଲା ଜୀବଜନ୍ତୁଙ୍କୁ ଖାଇବାକୁ ଦେବାରେ ବିନିଯୋଗ କରନ୍ତି।

# ମହିଳା ଉଦ୍ୟୋଗିଙ୍କୁ ପ୍ରୋତ୍ସାହିତ କରୁଛି ଉତ୍କଳ ଆଲୁମିନା

**ଭୁବନେଶ୍ୱର,୧୮ :** ସମାବେଶୀ ଓ ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ନିଜର ପ୍ରତିବଦ୍ଧତାର ଅଂଶ ଭାବରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ୍)ର ସିଏସ୍‌ଆର ପ୍ରୟାସସମୂହ ତୃଣମୂଳ ସ୍ତରରେ ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ଏବଂ ଔଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏକାଧିକ ମହିଳା-କୈନ୍ଦ୍ରିକ ଜୀବିକା ଉପାର୍ଜନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛି। ଏହି ପ୍ରୟାସଗୁଡିକ ରାୟଗଡା ଓ କଳାହାଣ୍ଡି ଜିଲ୍ଲାଗୁଡିକର କାଶିପୁର ଓ ଥୁଆମୂଳ ରାମପୁର ବ୍ଲକଗୁଡିକରେ ପାରିପାର୍ଶ୍ୱିକ ଓ ଖଣି-ପ୍ରଭାବିତ ଗ୍ରାମଗୁଡିକରେ ମହିଳାମାନଙ୍କୁ ସମର୍ଥନ ଯୋଗାଇଦେବାକୁ ହାତକୁ ନିଆଯାଇଛି। ଏ ସମ୍ପର୍କରେ ପ୍ରକାଶ କରି ଶ୍ରୀ କୈଳାସ ପାଣ୍ଡେ, ମାଇନିଂ ବିଜିନେସ୍ ହେଡ, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ କହିଛନ୍ତି, “ହିଣ୍ଡାଲ୍‌କୋର ଆମର ବିଶ୍ୱାସ ଯେ ଗୋଷ୍ଠୀଗୁଡିକ ଯେତେବେଳେ ପ୍ରଗତିରେ ସକ୍ରିୟ ସହଭାଗୀ ହୁଅନ୍ତି ସେତେବେଳେ ବାସ୍ତବ ବିକାଶ ଆରମ୍ଭ ହୁଏ। ବାଫିଲମାଲି ଖଣି ଚତୁର୍ପାର୍ଶ୍ୱରେ ଆମର ମହିଳା-ନେତୃତ୍ୱ ଜୀବିକା ଉପାର୍ଜନ ପ୍ରୟାସଗୁଡିକ ଜରିଆରେ ଆମେ ଆୟର ସୁଯୋଗଗୁଡିକ ସୃଷ୍ଟି କରିବା ସହିତ ଔଦ୍ୟୋଗିକତା, ଆତ୍ମବିଶ୍ୱାସ ଓ ଦୀର୍ଘସୂତ୍ରୀ ସ୍ୱାବଲମ୍ବନଶୀଳତାକୁ ପରିପୋଷଣ କରୁଛୁ। ସଶକ୍ତ ମହିଳାମାନେ ଦୀର୍ଘସ୍ଥାୟୀ ଗୋଷ୍ଠୀ ରୂପାନ୍ତରଣ ନିମନ୍ତେ ମଜଭୁତ ପରିବର୍ତ୍ତନକାରୀ ଅଟନ୍ତି। ଅର୍ଥନୈତିକ ସ୍ୱାଧୀନତା ଦିଗରେ ସେମାନଙ୍କ ଯାତ୍ରାକୁ ସମର୍ଥନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ। ପ୍ରୋଜେକ୍ଟ ଶକ୍ତି ଓ ପ୍ରୋଜେକ୍ଟ ଗ୍ରାମ୍ୟ ଶକ୍ତି ଅଧୀନରେ ୟୁଏଆଇଏଲ୍ ଅଣ୍ଡିରାକଞ୍ଚ, ପାଇକକୁପଖାଲ, ନାରିଙ୍ଗଯୋଡି ଏବଂ ଯୋଗିପରିତୁଣ୍ଡା ଗ୍ରାମଗୁଡିକରେ ଦୀର୍ଘସ୍ଥାୟୀ ଔଦ୍ୟୋଗିକତା ଏବଂ ଆୟକାରୀ ସୁଯୋଗଗୁଡିକୁ ପ୍ରୋତ୍ସାହିତ କରି ପ୍ରାୟ ୨୦୦ ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିଛି। ସିଏସ୍‌ଆର ଏନଜିଓ ଏବଂ ଆସା ଏନଜିଓ ସହଯୋଗୀତାରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରୟାସଗୁଡିକ ମହିଳାମାନଙ୍କୁ ଧୂପକାଠି ଓ କାଗଜ ପ୍ଲେଟ ତିଆରି, ଚାନ୍ଦୁଆ କାମ, ଝୋଟ ଓ କାନଭାସ୍ ସାମଗ୍ରୀ, ରାତ୍ରିକାଳୀନ ପରିଧାନ, ଫିନାଇଲ ପ୍ରସ୍ତୁତି ଏବଂ ମାଣ୍ଡିଆ ଭିତ୍ତିକ ଖାଦ୍ୟ ପ୍ରକ୍ରିୟାକରଣରେ ଦକ୍ଷତା ବିକାଶ ଜରିଆରେ ସମର୍ଥନ କରିଛି।

# ଆଞ୍ଚଳିକ କାର୍ଯ୍ୟାଳୟ ସ୍ଥାପନ କରିବ ଏକ୍‌ଜିମ ବ୍ୟାଙ୍କ

**ଭୁବନେଶ୍ୱର,୧୮:** ଏକ୍ସପୋର୍ଟ-ଇମ୍ପୋର୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏକ୍‌ଜିମ ବ୍ୟାଙ୍କ) ଭୁବନେଶ୍ୱରରେ ଏକ ପୂର୍ଣ୍ଣାଙ୍ଗ ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିବା ସମ୍ପର୍କରେ ଘୋଷଣା କରିଛି, ଯାହା ଓଡ଼ିଶା ସହିତ ଏହାର ନିୟୋଜନତାକୁ ଗଭୀର କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି ଏବଂ ଏହା ରାଜ୍ୟର ରପ୍ତାନିକାରୀ ଓ ପୁଞ୍ଜିନିବେଶକଙ୍କୁ ସମର୍ଥନ କରିବା ନିମନ୍ତେ ନିଜର ପ୍ରତିବଦ୍ଧତାକୁ ପୁନଃ ସୁଦୃଢୀକରଣ କରୁଛି। ଏକ୍‌ଜିମ ବ୍ୟାଙ୍କ, ଫେଡେରେସନ ଅଫ୍ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେସନ୍ସ (ଏଫଆଇଇଓ) ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ମିଳିତ ଭାବରେ ଆୟୋଜିତ “ଏନ୍‌ହାନସିଂ ଏକ୍ସପୋର୍ଟସ୍ ଫ୍ରମ୍ ଓଡ଼ିଶା: ଅପରଚୁନିଟିଜ୍ ଆଣ୍ଡ ଫାଇନାନ୍‌ସିଂ ସଲ୍ୟୁସନ୍ସ” (ଓଡ଼ିଶାରୁ ରପ୍ତାନି ବୃଦ୍ଧି କରିବା: ସୁଯୋଗସମୂହ ଓ ଅର୍ଥଲଗାଣ ସମାଧାନସମୂହ) ଶୀର୍ଷକରେ ଆୟୋଜିତ ଏକ ଆଲୋଚନାଚକ୍ରରେ ଏହି ଘୋଷଣା କରାଯାଇଛି। ଶ୍ରୀ ଅନିରୁଦ୍ଧ ବରୁଆ, ରିଜିଓନାଲ ହେଡ୍, କୋଲକାତା, ଏକ୍‌ଜିମ ବ୍ୟାଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏବଂ ଏହା ସାନ୍ଧ୍ୟ ଆଲୋଚନାଗୁଡ଼ିକ ନିମନ୍ତେ ଏକ ପରିପ୍ରେକ୍ଷୀ ସ୍ଥିର କରିଥିଲା। ନିଜର ଉଦ୍‌ଘାଟନୀ ଅଭିଭାଷଣରେ ଶ୍ରୀ ତରୁଣ ଶର୍ମା, ଡେପୁଟି ମ୍ୟାନେଜିଂ ଡାଇରେକ୍ଟର, ଏକ୍‌ଜିମ ବ୍ୟାଙ୍କ, ଓଡ଼ିଶା ଉପରେ ବ୍ୟାଙ୍କର ନବୀକୃତ ଦୃଷ୍ଟିନିବଦ୍ଧ ସମ୍ପର୍କରେ ଉଲ୍ଲେଖ କରିବା ସହିତ କହିଥିଲେ ଯେ, ଭୁବନେଶ୍ୱରେ ସ୍ଥାପିତ ହେବାକୁ ଯାଉଥିବା ଆଞ୍ଚଳିକ କାର୍ଯ୍ୟାଳୟ ସ୍ଥାନୀୟ ରପ୍ତାନିକାରୀ, ଏମଏସ୍‌ଏମଇସମୂହ ଏବଂ ଶିଳ୍ପ ସଂସ୍ଥାଗୁଡିକ ସହିତ ଘନିଷ୍ଠ ନିୟୋଜନତାକୁ ସମର୍ଥ କରାଇବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ